# ବ୍ରହ୍ମ ଅମୃତ ଶାନ୍ତି ପଞ୍ଜ



# ସ୍ୱର୍ଣ୍ଣକ୍ଷେତ୍ର

ଓଁ

*ନମୋ ଭଗବତେ କେଶବଚନ୍ଦ୍ରାୟ !!!*

# ବ୍ରହ୍ମ ଅମୃତ ଶାନ୍ତି ଯଜ୍ଞ

ରେଙ୍ଗଲୋଇ, ସମ୍ବଲପୁର

୧୪୦୯ ସାଲ ମୀନ ଦି ୧୧ନ ଫଗୁଦଶମୀ
ତା.୨୪.୩.୦୨ରିଖ ରବିବାର ଠାରୁ
ଦୋଳୋତ୍ସବ ପୂର୍ଣ୍ଣିମା ତା୨୮.୩.୦୨ରିଖ ଗୁରୁବାର ପର୍ଯ୍ୟନ୍ତ


ଦ୍ୱିତୀୟ ସଂସ୍କରଣ : କେଶବାବ୍ଦ-୫୧, ଚୈତ୍ର ପୂର୍ଣ୍ଣିମା
ଅକ୍ଷର ସଜ୍ଜା : ରସଦ୍ ଏଡ୍ ଏଜେନ୍ସି, କଟକ
ମୁଦ୍ରଣ : ଜଗନ୍ନାଥ ପ୍ରୋସେସ୍, ଡଗରପଡ଼ା, କଟକ



## ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,

କ୍ଷିତିଜ୍ୟୋତି ଆଶ୍ରମ, ମାହାଙ୍ଗା, କଟକ ।

ଫୋନ୍- ୦୬୭୧-୨୭୬୭୧୦୧


ଭକ୍ତି ପ୍ରେମାଞ୍ଜଳି : ଦଶ ମୁଦ୍ରାଞ୍ଜଳି

## ଓଁ ନମୋ ଭଗବତେ କେଶବ ଚନ୍ଦ୍ରାୟ !!!

ଶ୍ରୀ ଭୂମାଧବଂ ଚକ୍ର ଚକ୍ର୍ୟବନିଭୃଦ୍ ଭଦ୍ରାଭିରଭ୍ୟୁଜ୍ଜ୍ୱଳମ୍
ଶ୍ରୀ କଣ୍ଠ ପ୍ରମୁଖା ଖିଳାମ୍ବର ଶିଖା ଜ୍ୟୁଷ୍ଟାଘ୍ରିଂ ପୀଠୋପ୍ଜ୍ୱଳମ୍ ।
ଶ୍ରୀ ସ୍ୱର୍ଣ୍ଣକ୍ଷେତ୍ର ମୌଳି ମଣ୍ଡନ ମହାନୀଳାୟ ମାନଂ ମହଃ
ଶ୍ରୀ ଭୂମାଧରିତଂ ସ୍ୱରଂ ଭବନ୍ତୁନଃ ପ୍ରତ୍ୟୁହ ହତ୍ୟୁଦ୍ୟତାମ୍ ।।

ଓଁ ଧ୍ୟେୟଂ ସଦା ପରିଭବଘ୍ନମଭୀଷ୍ଟଦୋହଂ, ତୀର୍ଥାସ୍ପଦଂ ଶିବ ବିରଞ୍ଚିନୂତଂ ଶରଣ୍ୟଂ ।
ଭୃତ୍ୟାର୍ତିହଂ ପ୍ରଣତପାଳ ଭବାବ୍ଧିପୋତଂ, ବନ୍ଦେ ସୁକାନ୍ତିସୁତ ତେ ଚରଣାରବିନ୍ଦଂ ।।
ତ୍ୟକ୍ତ୍ୱାସୁଦୁସ୍ତ୍ୟଜସୁରେପ୍ସିତ ରାଜ୍ୟଲକ୍ଷ୍ମୀଂ, ଧର୍ମିଷ୍ଠ ଆର୍ଯ୍ୟ ବଚସା ଯଦଗାଦରଣ୍ୟଂ ।
ମାୟାମୃଗଂ ଦୟିତ୍ୱୟେପ୍ସିତ ମନ୍ୱଧାବଦ୍, ବନ୍ଦେ ସୁକାନ୍ତିସୁତ ତେ ଚରଣାର ବିନ୍ଦଂ ।।

*ହେ କେଶବ ! ହେ ଯଦୁନାଥ ସୁତ !*
*ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ୍ ।*
*ହେ ବ୍ରହ୍ମରୂପ ! ହର ଦୁଃଖ ରାଶୀନ୍,*
*ତ୍ରାହି ଦୀନମାଂ ଶରଣଂ ବ୍ରଜାମି ।।*

''ବ୍ରହ୍ମ''- ଏହା ଏକ ବହୁଳ ବ୍ୟବହୃତ ଶବ୍ଦ ଅଟେ । ମାତ୍ର 'ବ୍ରହ୍ମ'ର ପ୍ରକୃତ ସ୍ୱରୂପ, ଅବସ୍ଥିତି, ପ୍ରକାଶର ପରିସୀମା ଏତେ ବ୍ୟାପକ ଯେ, ତତ୍‌ସଂପର୍କରେ ନିର୍ଦ୍ଦିଷ୍ଟ ସଂଜ୍ଞା ନିରୂପଣ କରିବା ସହଜ ନୁହେଁ । ସୃଷ୍ଟିର ଅତୀତ ଅବସ୍ଥାରୁ ସୃଷ୍ଟିର ବର୍ତ୍ତମାନ ଅବସ୍ଥା ପର୍ଯ୍ୟନ୍ତ ବେଦ, ବେଦାନ୍ତ, ଉପନିଷଦ, ଶାସ୍ତ୍ର, ପୁରାଣ ତାଙ୍କ ସମ୍ପର୍କରେ ଯାହା ବର୍ଣ୍ଣନା କରିଯାଇଛନ୍ତି, ତାହା ମଧ୍ୟ ଅସଂପୂର୍ଣ୍ଣ । ସେମାନେ ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି ଯେ, ''ବ୍ରହ୍ମ'' ବିରାଟ ପୁରୁଷ-ଅଚିନ୍ତ୍ୟ, ଅବର୍ଣ୍ଣନୀୟ, ଅସୀମ, ଅବ୍ୟକ୍ତ, ଅକ୍ଷର, ଅପ୍ରକାଶ, ଅକଳନ, ଅଗମ୍ୟ, ଅମୂର୍ତ୍ତ, ସର୍ବାତୀତ, ସର୍ବୋପରିସ୍ଥିତ । ସେ ହିଁ ସର୍ବବ୍ୟାପକ ହୋଇ ସର୍ବଘଟ, ସର୍ବସ୍ଥାନରେ, ସର୍ବରୂପରେ ଉପସ୍ଥିତ । ଏ ସୃଷ୍ଟି, ଜୀବସତ୍ତା, ପ୍ରକୃତି ଓ ତଦନ୍ତର୍ଗତ ସମସ୍ତ ବସ୍ତୁ ତାଙ୍କରି ବିକାଶ ମାତ୍ର ଅଟେ । ଶ୍ରୀମଦ୍ ଭଗବଦ୍‌ଗୀତା ସପ୍ତମ ଅଧ୍ୟାୟ ''ଜ୍ଞାନ-ବିଜ୍ଞାନ ଯୋଗ''

ମାଧ୍ୟମରେ ସେ ନିଜେ ସ୍ପଷ୍ଟ ଭାବରେ ବୁଝାଇ କହିଛନ୍ତି :

**ରସୋଽହମପସୁ କୌନ୍ତେୟ ପ୍ରଭାସ୍ମି ଶଶିସୂର୍ଯ୍ୟୟୋଃ ।**
**ପ୍ରଣବଃ ସର୍ବଦେବେଷୁ ଶବ୍ଦଃ ଖେପୌରୁଷଂ ନୃଷୁ ॥**
**ପୂଣ୍ୟୋ ଗନ୍ଧଃ ପୃଥିବ୍ୟାଂ ଚ ତେଜଶ୍ଚାସ୍ମି ବିଭାବସୌ ।**
**ଜୀବନଂ ସର୍ବଭୂତେଷୁ ତପଶ୍ଚାସ୍ମି ତପସ୍ୱିଷୁ ॥**
**ବୀଜଂ ମାଂ ସର୍ବଭୂତାନାଂ ବିଦ୍ଧି ପାର୍ଥ ସନାତନମ୍ ।**
**ବୁଦ୍ଧିର୍ବୁଦ୍ଧିମତାମସ୍ମି ତେଜସ୍ତେ ଜସ୍ୱିନା-ମହମ ॥**
**ବଳଂ ବଳବତାମସ୍ମି କାମରାଗ ବିବର୍ଜିତମ୍ ।**
**ଧର୍ମା ବିରୁଦ୍ଧୋ ଭୂତେଷୁ କାମୋଽସ୍ମି ଭରତର୍ଷଭ ॥**
**ଯେ ଚୈବ ସାତ୍ତ୍ୱିକା ଭାବା ରାଜସାସ୍ତାମସାଶ୍ଚଯେ ।**
**ମତ୍ତ ଏ ବେତି ତାନ୍ ବିଦ୍ଧି ନ ତ୍ୱହଂ ତେଷୁତେ ମୟି ॥**

ଅର୍ଥାତ୍-ହେ କୌନ୍ତେୟ ! ମୁଁ ହେଉଛି ଜଳରେ ସ୍ୱାଦ, ଚନ୍ଦ୍ରସୂର୍ଯ୍ୟରେ ଜ୍ୟୋତିପ୍ରକାଶ, ଆଲୋକ, ବେଦରେ ଶବ୍ଦବ୍ରହ୍ମ ସ୍ୱରୂପ ''ଓଁ'' କାର; ଆକାଶର ଶୂନ୍ୟତା, ରୂପ ଓ ଶବ୍ଦ; ମନୁଷ୍ୟରେ ମନୁଷ୍ୟତ୍ୱ ବା ପୁରୁଷାକାର; ଭୂମିରେ ପବିତ୍ର ଗନ୍ଧ; ସୁଗନ୍ଧ ଦୁର୍ଗନ୍ଧ ଉଭୟରେ ସମାନଭାବରେ ରହିଥିବା ତନ୍ମାତ୍ରରୂପ ଗନ୍ଧ, ପୁନଶ୍ଚ ଅଗ୍ନିରେ ତେଜ; ସମସ୍ତ ପ୍ରାଣୀମାନଙ୍କ ମଧ୍ୟରେ ଜୀବନ ଭାବରେ ଉପସ୍ଥିତ । ତପସ୍ୱୀମାନଙ୍କର ତପସ୍ୟା; ଭୂତମାତ୍ରର ନିତ୍ୟ ଜୀବ; ବୁଦ୍ଧିମାନର ବୁଦ୍ଧି; ତେଜସ୍ୱୀର ତେଜ, ବଳବାନର ବଳ; ଲୋଭ, ଐଶ୍ୱର୍ଯ୍ୟ ଲାଳସା ନଥିବା ଧୈର୍ଯ୍ୟ । ହେ ଭରତର୍ଷଭ ! ମୁଁ ହିଁ ଭୂତମାତ୍ରରେ ସ୍ୱଧର୍ମ ନ ଛାଡ଼ିବାର ପ୍ରବୃତ୍ତି ବା ଇଚ୍ଛା । ସାତ୍ତ୍ୱିକ ଭାବ, ରାଜସ ଭାବ ଓ ତାମସ ଭାବ ଆଦି ସମସ୍ତ ଭାବ ମୋରି ଠାରୁ ହିଁ ଉତ୍ପତ୍ତି ହୋଇଛି । ସେମାନେ ସମସ୍ତେ ଅଛନ୍ତି ବୋଲି ମୁଁ ଅଛି-ଏହା ନୁହେଁ । କିନ୍ତୁ ମୁଁ ଥିବାରୁ ସେମାନେ ଅଛନ୍ତି । ମୁଁ ସେ ସମସ୍ତଙ୍କ ମଧ୍ୟରେ ଆତ୍ମାକୁ ବାଣ୍ଟି ଦେଇ ରହିଅଛି ।

ତେଣୁ ସେ ସମସ୍ତଙ୍କୁ ଜାଣିପାରିଲେ, ସେମାନଙ୍କ ଭିତରେ ମୋତେ କଳ୍ପନା କରିଦେଲେ ମୋତେ କିଞ୍ଚିତ ଭାବରେ ଜାଣିଗଲୁ ବୋଲି ଯଦି ତୁ କହୁ ତାହା ମଧ୍ୟ ଠିକ୍ ନୁହେଁ । କାରଣ ସେ ସବୁ ମୋ ସହିତ ଗୁନ୍ଥା ହୋଇ ଆମ୍ବଦ୍ଧ ହୋଇଛନ୍ତି ବା ମୁଁ ଥିବାରୁ ମତେ ଆଧାର କରି ସେମାନେ ଅଛନ୍ତି । ତେଣୁ ପ୍ରଥମେ ମୋତେ ଜାଣି ସେ ସବୁକୁ ବୁଝ୍ । ସେମାନେ ମୋର ବିକାଶ; କିନ୍ତୁ ମୁଁ କେବଳ ବିକାଶ ନୁହେଁ ।

ସୁତରାଂ ସେହି ଅଚିନ୍ତ୍ୟ ବ୍ରହ୍ମ ଆତ୍ମା ସ୍ୱରୂପରେ ସମସ୍ତ ଜୀବମଧ୍ୟରେ ବିଦ୍ୟମାନ ରହି ଜୀବର ପ୍ରକୃତି, ପ୍ରବୃତ୍ତି ଆଦିର ଚଳନି କ୍ରିୟା କରି କରାଉଅଛନ୍ତି । ସେହି ପରମାତ୍ମାଙ୍କ ଆଜ୍ଞା, ଇଚ୍ଛା ଓ ଆଦେଶରେ ଯୋଗମାୟା ମାୟା ବିସ୍ତାର କରି ତାହାରି ପ୍ରଭାବରେ ଜୀବକୁ ଅଚେତନ କରାଇ ମୋହ ଗ୍ରସ୍ତ କରାଇଥାନ୍ତି । ତେଣୁ ଦେହ (ଶରୀର) ତା'ରି ଭିତରେ ଥିବା ଦେହୀ (ଆତ୍ମା=ବ୍ରହ୍ମ)ଙ୍କୁ ଚିହ୍ନି ପାରେନାହିଁ; ଦେଖି ପାରେନାହିଁ ବା ଜାଣିପାରେ ନାହିଁ । କିନ୍ତୁ ସକଳ ଘଟଣାର କାରଣ ସେ ନିଜେ ହୋଇଥିବାରୁ ଚେତନ, ଅଚେତନ ଉଭୟ ଜୀବ ଓ ଭାବକୁ ଆନନ୍ଦରେ ଗ୍ରହଣ କରିଥାନ୍ତି । ସେଥିପାଇଁ ଅନୁଭବି ଭକ୍ତମାନେ ତାଙ୍କୁ ମଙ୍ଗଳମୟ, କରୁଣାସାଗର, ଦୟାବାରିଧି ଆଦି ସମ୍ବୋଧନ କରି ଅହରହ ଚିନ୍ତନ, ମନନ କରି ପରମାନନ୍ଦ ସ୍ରୋତରେ ମଗ୍ନ ହୋଇ ରହିଥାଆନ୍ତି । ନିଜଇଚ୍ଛା ସୃଷ୍ଟ ଲୀଳାସୂତ୍ରର ଆକର୍ଷଣ ପ୍ରଭାବରେ ଜୀବ ଜଗତ ଯେତେବେଳେ ସଂପୂର୍ଣ୍ଣ ବା ବହୁଳଭାବରେ ମନ, ଇନ୍ଦ୍ରିୟାଦି ଦ୍ୱାରା ବନ୍ଦୀ ହୋଇ ସେହି ପରମାତ୍ମା, ବ୍ରହ୍ମ, ଦେହୀଙ୍କ ନିକଟରୁ ଦୂରେଇ ଯାଏ ଏବଂ ଅସତ୍ୟ ରୂପକ ମାୟାବ୍ରହ୍ମଙ୍କୁ ନିଜକୁ ସର୍ବତୋଭାବେ ସମର୍ପଣ କରିଦିଏ, ସେତେବେଳେ ସେହି ଲୀଳାମୟ ବିଭିନ୍ନ ମାଧ୍ୟମରେ ଜୀବର ଅଚେତନ ରୂପକ ଅନ୍ଧକାର ବିନାଶକରି ଜ୍ଞାନାଲୋକ ଦ୍ୱାରା ତାହାକୁ ଦୈବୀ ବିଶ୍ୱାସ ପ୍ରଦାନ କରନ୍ତି । ସେହି ଅବସ୍ଥାରେ ଜୀବ ନିଜ ନିଜ ସ୍ୱଭାବ ଅନୁସାରେ ଭିନ୍ନ ଭିନ୍ନ କାମନାମାନ ଧରି, ବ୍ରହ୍ମଜ୍ଞାନପ୍ରତି ଯତ୍ନଶୀଳ ନହୋଇ, ନିଜସ୍ୱ କାମନା ପୂର୍ଣ୍ଣ ହେବା ପାଇଁ ସେହି ସେହି ଫଳ ଦେବା ଅଧିକାରୀ ଦେବାଦେବୀଙ୍କୁ ଉପାସନାର ନିୟମମାନି ପୂଜାର୍ଚ୍ଚନ କରିଥାନ୍ତି । ଏହି କର୍ମ ଅଧିକରୁ ଅଧିକ ହୋଇ ନିତ୍ୟ ଅଭ୍ୟାସରେ ପରିଣତ ହେଲେ

ଏବଂ ପୂଜିତ ଦେବତାଙ୍କ ପ୍ରତି ଭକ୍ତି ଦୃଢ଼ହେଲେ କ୍ରମେ ଚିତ୍ତଶୁଦ୍ଧି ହୁଏ; ଅବଶେଷରେ ସେ ଭକ୍ତର ଆସନକୁ ଉନ୍ନୀତ ହୋଇ ପରମାତ୍ମା, ପରମେଶ୍ୱରଙ୍କ ପ୍ରତି ଆକୃଷ୍ଟ ହୋଇ ତାଙ୍କ ପ୍ରତି ଭକ୍ତି ସ୍ତର ପ୍ରାପ୍ତ ହୁଏ । ଫଳପ୍ରାପ୍ତି ପାଇଁ ଭକ୍ତି କରୁକରୁ କ୍ରମେ ଫଳ ମିଳୁ ବା ନମିଳୁ, 'ଭକ୍ତି' ହିଁ ସାର ହୋଇଯାଏ । ତାପରେ ଏହି ଭଗବଦ୍ ଭକ୍ତି ସୁଗମହୁଏ । ଉଦାହରଣ ସ୍ୱରୂପ ଜଣେ ବ୍ୟକ୍ତି ଗୋଟିଏ ସନ୍ତାନପ୍ରାପ୍ତି ପାଇଁ ଶାସ୍ତ୍ରୋକ୍ତ ଉପାସନା ନିୟମର ନିଷ୍ଠାରେ ଆର୍ତ୍ତଯୁକ୍ତ ଭକ୍ତି ମିଶ୍ରଣକରି ଶିବଙ୍କୁ ଆରାଧନା, ପୂଜନ କରିବା ଆରମ୍ଭ କଲା । ଧୀରେ ଧୀରେ ସେହି ଅଭ୍ୟାସ ଦ୍ୱାରା ସକାମ ଭକ୍ତି ଦୃଢ଼ ହୋଇଗଲେ ସନ୍ତାନ ନହେଲେ କିମ୍ବା ହୋଇ ମରିଗଲେ, ତାର ମନରୁ ଶିବଙ୍କ ପ୍ରତି ସୃଷ୍ଟି ହୋଇଥିବା ଭକ୍ତି ବୀଜ ନଷ୍ଟ ହୋଇଯାଏ ନାହିଁ । ସ୍ୱଭାବ ଜନିତ ପ୍ରକୃତିର ପ୍ରଭାବରୁ ମନରେ ଅଭିମାନ କିଛି ସମୟ ପାଇଁ ଜାଗ୍ରତ ହୋଇଯାଏ । କିନ୍ତୁ ସେହି ଅଭିମାନରେ ମଧ୍ୟ ଭକ୍ତି ଏକାନ୍ତ ଭାବରେ ଯୁକ୍ତ ହୋଇଥାଏ । ଫଳରେ ବୋଧଶକ୍ତିଦ୍ୱାରା ଫଳକୁ ଭାଗ୍ୟ ଉପରେ ପକାଇ ସେ ବ୍ୟକ୍ତି ଅଧିକ ଭକ୍ତିରେ ଦୃଢ଼ ହୋଇଯାଏ । ଶେଷରେ ସେ ଭକ୍ତର ବାଞ୍ଛିତ ଫଳ ପରମାତ୍ମା ହିଁ ପ୍ରଦାନ କରନ୍ତି ମାତ୍ର ଯେଉଁ ଦେବତାଙ୍କୁ ଆରାଧନା କରୁଥାଏ, ସେହି ଦେବତାର ରୂପରେ ପ୍ରକଟ ହୁଅନ୍ତି । ଯୋଗମାୟାରେ ସର୍ବଦା ଆବୃତ ହୋଇ ରହୁଥିବାରୁ ସେ ସମସ୍ତଙ୍କ ନିକଟରେ ସ୍ୱଷ୍ଟ ହୁଅନ୍ତି ନାହିଁ । ତେଣୁ ସେହି ମାୟା ଆବରଣରେ ଆଚ୍ଛନ୍ନ ହୋଇ ଏ ଜଗତରେ ଲୋକମାନେ ଜାଣିପାରନ୍ତି ନାହିଁ ଯେ, ସେ ପରମପୁରୁଷ ଅଜନ୍ମା, ଅବିନାଶୀ ଓ ବିକାରହୀନ (ଗୁଣାତୀତ) । ମର୍ତ୍ତ୍ୟଭୂମିରେ ଯୋଗମାୟାଙ୍କ ପ୍ରଚଣ୍ଡ ମାୟା ଓ ଯୁଗଲୀଳାର ପ୍ରଭାବରେ ଯେତେବେଳେ ତାଙ୍କ ଦ୍ୱାରା ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ପ୍ରେରିତ ଜ୍ଞାନୀପୁତ୍ର, ଗୁରୁଅଙ୍ଗମାନେ ବ୍ରହ୍ମମାୟାଜାଲ ଅତିକ୍ରମ କରି ଅଚେତନ ଜୀବଙ୍କୁ ଚେତନ ପଥରେ ଆଗେଇ ନେବାର କର୍ମରେ ବିଫଳ ହୋଇଯାଆନ୍ତି, ସେତେବେଳେ ସେମାନେ କଠୋର ତପସ୍ୟା ମାଧ୍ୟମରେ ତାଙ୍କୁ ସ୍ୱୟଂ ଅବତରିତ ହୋଇ ସମସ୍ୟା ସମାଧାନ କରି ଗ୍ଲାନିଯୁକ୍ତ ଆଧ୍ୟାତ୍ମିକତାକୁ ସ୍ୱପ୍ରକାଶ ମାଧ୍ୟମରେ ପୁନଃ ପ୍ରତିଷ୍ଠିତ କରାଇବା ପାଇଁ ଆକୁଳ ନିବେଦନ କରି ବରପ୍ରାପ୍ତ ହୁଅନ୍ତି । ସେହି ବରପ୍ରଭାବରେ ସେ ପରମକାରୁଣିକ ମର୍ତ୍ତ୍ୟାବତରଣ କରି ମାନବୀୟ ଲୀଳା

ମାଧମରେ ଜୀବର ସଂସ୍କାର କରାଇ ତାହାକୁ ଚେତନା ଦାନ କରନ୍ତି । ଉକ୍ତ ଅହେତୁକ କୃପାବଳରେ ଜୀବ ଜନ୍ମମୃତ୍ୟୁବାଦ ଅତିକ୍ରମ କରି ଆତ୍ମଦର୍ଶନ ଲାଭକରେ ଓ ସମସ୍ତ ଭବବନ୍ଧନରୁ ମୁକ୍ତି ଲାଭକରେ ।

ବ୍ରହ୍ମଲୀଳା ଯୁଗାନୁବାଦର ଅପରିବର୍ତ୍ତନୀୟ, ଚିରନ୍ତନ ସୂତ୍ରାନୁସରଣରେ ଆଲୋଚ୍ୟ ପରମ ପୁରୁଷ, ବ୍ରହ୍ମାବତାର ସ୍ୱଇଚ୍ଛା ସମ୍ଭୁତ ଜ୍ଞାନୀପୁତ୍ରଙ୍କ ପ୍ରଦତ୍ତ ବର ଓ ବଚନକୁ ସାକାର କରିବା ଲକ୍ଷ୍ୟନେଇ ମାନବ ଅଙ୍ଗରେ ନିଜର କଲ୍ୟାଣ ଜୀବ ଜଗତଙ୍କୁ ଅକୁଣ୍ଠିତ ଚିତ୍ତରେ ବାଣ୍ଟି ଚାଲିଛନ୍ତି । ସର୍ବଲୋକ ଅଗୋଚରରେ ନିଜ ସନ୍ତାନ ସନ୍ତତିଙ୍କୁ ଅଷ୍ଟପାଶ ବନ୍ଧନରୁ ମୁକ୍ତ କରାଇ ସ୍ୱଲୋକ ପ୍ରାପ୍ତ କରାଇବାର ସଂକଳ୍ପ କରିଛନ୍ତି । ନିଜଦ୍ୱାରା ସୃଷ୍ଟ ସୃଷ୍ଟିଚକ୍ରର ଚିରନ୍ତନ ପ୍ରକ୍ରିୟାରେ ଜୀବ କଳିଯୁଗରେ ଭଗବଦ୍ ଅଭିମୁଖୀ ହୋଇ ପାରିବ ନାହିଁ, ଧ୍ୟାନ, ଧାରଣା, ଯୋଗ କ୍ରିୟାକୁ ସକ୍ଷମ ହେବନାହିଁ ଏବଂ ଯୋଗମାୟାଙ୍କ ମାୟାପଟଳ ଭେଦ କରି ତାଙ୍କୁ ଜାଣି ପାରିବ ନାହିଁ, ଅନୁଭବ କରି ପାରିବ ନାହିଁ, ଏକଥା ସେ ଭଲ ଭାବରେ ଜାଣିଛନ୍ତି । ତେଣୁ ନିଜକୁ ଉଭୟ ଅଙ୍ଗ ଓ ଭାବରେ (ଗୁରୁଅଙ୍ଗ ଏବଂ ପ୍ରଭୁ-ଇଷ୍ଟ ଅଙ୍ଗ) ସଜାଇ ଅତ୍ୟନ୍ତ ସରଳ ସୂତ୍ରରେ ଜଟିଳ ଯୋଗର ପ୍ରଣାଳୀ ଧାରା ଏବଂ ସନ୍ଦେଶପତ୍ର ଜରିଆରେ ବଣ୍ଟନ କରି ଚାଲିଛନ୍ତି । କେବଳ ସେତିକିରେ ସେ ସନ୍ତୁଷ୍ଟ ହୋଇ ରହି ନାହାନ୍ତି । ବର୍ତ୍ତମାନର ପରିସ୍ଥିତିକୁ ବିଚାରକୁ ନେଇ ପୂର୍ବ ଯୁଗରୁ ମୁନି, ଋଷିମାନଙ୍କୁ ମାଧମ କରି ସେହିମାନଙ୍କ ଦ୍ୱାରା ଜୀବ ଚୈତନ୍ୟ ଲାଭ ପାଇଁ ଯଜ୍ଞାନୁଷ୍ଠାନ (ଦ୍ରବ୍ୟ ଯଜ୍ଞ, ଜ୍ଞାନଯଜ୍ଞ=ସତ୍‌ସଂଗ, ନାମଯଜ୍ଞ, ଅନ୍ନଯଜ୍ଞ=ଆନନ୍ଦବଜାର) ନିରବଚ୍ଛିନ୍ନ ଭାବରେ କରାଇ ଚାଲିଛନ୍ତି । ସେ ସମସ୍ତ ଯଜ୍ଞ ଏତେ ଗୁପ୍ତ କୌଶଳ ଅବଲମ୍ବନରେ କରାଉଛନ୍ତି ଯେ, ସାଧାରଣ ଜୀବର ବାହ୍ୟଦୃଷ୍ଟିରେ ତାହାର କାରଣ ଓ ଫଳାଫଳ ଜାଣିବା ସଂପୂର୍ଣ୍ଣ ଅସମ୍ଭବ ହୋଇଯାଇଛି । ବିଶେଷକରି କଳିର ସନ୍ଧି ମୁହୂର୍ତ୍ତ ଯେତେବେଳେ ଉପସ୍ଥିତ ହୋଇ ଜୀବକୁ ଅଜ୍ଞାନରୂପକ ଅନ୍ଧକାର ଗହ୍ୱର ମଧ୍ୟକୁ ନିକ୍ଷେପ କରି ଦେଇଛି, ସେତିକିବେଳେ ଗତ ୨୦୦୧ ମସିହା ମଇମାସ ତିନିତାରିଖ ଠାରୁ ଜୀବକୁ, ସମାଜକୁ ଏବଂ ସୃଷ୍ଟିକୁ ଚେତନଶୀଳ କରାଇ ଜ୍ଞାନର ଆଲୋକରେ ଉଦ୍‌ଭାସିତ କରାଇବାଇଁ ଦୟାବାରିଧି, କରୁଣାମୟ, ସନ୍ତାନବତ୍ସଳ, ଭାବଗ୍ରାହୀ ପ୍ରେମାବତାର କ୍ରମଅନୁସାରେ

କିପରି ଚରମ ପ୍ରାପ୍ତିର ସ୍ତର ଅତିକ୍ରମ କରାଇ ଚାଲିଛନ୍ତି ତାହାକୁ ଭାବ, ପ୍ରେମ ଓ ବିଶ୍ୱାସର ଚକ୍ଷୁରେ ଅବଲୋକନ କଲେ କୃତଜ୍ଞତାରେ ମଥା ଆପେ ଆପେ ସେହି ପଦ୍ମପାଦରେ ଲୋଟିଯାଏ । ଉପରୋକ୍ତ ଦିବସରୁ ଆଜି ପର୍ଯ୍ୟନ୍ତ ହୋଇଥିବା ଯଜ୍ଞର ବିଷୟବସ୍ତୁ ଓ ଅନ୍ତରାଳର ରହସ୍ୟ **'ସ୍ମରଣିକା'** ରୂପରେ ପ୍ରକାଶିତ ହୋଇସାରିଛି । ତେଣୁ ସେଗୁଡ଼ିକୁ ପୁନଶ୍ଚ ଆଲୋଚନା କରିବାର ଆବଶ୍ୟକତା ନାହିଁ । କିନ୍ତୁ ଯେଉଁ ମହାତ୍ମା, ମହାପୁରୁଷମାନେ ସେହି ସେହି ଯଜ୍ଞାନୁଷ୍ଠାନ ପାଇଁ ବରଭିକ୍ଷା କରିଥିଲେ, ତାହା ପଛରେ ପତିତପାବନ, ସଚ୍ଚିଦାନନ୍ଦଙ୍କର କେଉଁ ମଙ୍ଗଳ ଉଦ୍ଦେଶ୍ୟ ସାଧିତ ହେଲା ଏବଂ ଜୀବଜଗତ କେଉଁ ଦିବ୍ୟ ଭାବରେ ଉପକୃତ ହେଲେ ତାହାର ସମ୍ୟକ୍ ସୂଚନା ଦେବା ଏକାନ୍ତ ପ୍ରୟୋଜନ ବୋଲି ମନେକରୁଛୁ । ଯଥା:-

ଜଣେ କର୍ମଯୋଗୀ, ସାଧକ, ମୁନି ବା ଋଷି ପର୍ଯ୍ୟାୟକ୍ରମେ ନିମ୍ନରୁ (ସ୍ଥୂଳଜଗତ) ଊର୍ଦ୍ଧ୍ୱକୁ (ସୂକ୍ଷ୍ମ, କାରଣ ଜଗତ) ଗତିକରି ବହୁ ଅନୁକମ୍ପା ଲାଭକରେ । ମାତ୍ର ସ୍ୱୟଂ ଅବ୍ୟକ୍ତ ପତି ଯେତେବେଳେ ନରଅଙ୍ଗ ଧରି ଧରାଧାମରେ ଅବତରିତ ହୋଇଛନ୍ତି, ସେତେବେଳେ ଜୀବପାଇଁ ସେ ଊର୍ଦ୍ଧ୍ୱ ସ୍ତରରୁ ହିଁ ବନ୍ଧନମୁକ୍ତର ପଥ ପରିଷ୍କାର କରିଆଣନ୍ତି । କାରଣ ଜୀବର ଜନ୍ମଜନ୍ମାନ୍ତର କର୍ମଫଳ ସେହି ଊର୍ଦ୍ଧ୍ୱ ସ୍ତରରେ ହିଁ ଗଚ୍ଛିତ ହୋଇ ରହିଥାଏ ଏବଂ ଉପଯୁକ୍ତ ସମୟର ଉପସ୍ଥିତିରେ ଉକ୍ତ ଫଳ ସ୍ଥୂଳ ସ୍ତରକୁ ଭୋଗ ହେବାପାଇଁ ଖସି ଆସେ । ତେଣୁ ଆମର ଆରାଧ୍ୟ ଭକ୍ତ ଗଣ୍ଠିଧନ ଠାକୁରେ ଜୀବର ଜୀବନ୍ମୁକ୍ତ ଅବସ୍ଥା ପ୍ରାପ୍ତ ପାଇଁ ସେହି ଊର୍ଦ୍ଧ୍ୱ ସ୍ତରରୁ ହିଁ ତାକୁ ନିର୍ମଳ କରାଇବାର ଅଭିନବ କୌଶଳ ପ୍ରୟୋଗ କରିଚାଲିଛନ୍ତି । କ୍ରମାନୁଯାୟୀ ତାହାର ଏକ ସୂକ୍ଷ୍ମ ଆଲୋଚନା ନିମ୍ନରେ ପ୍ରଦାନ କରୁଛୁ ।

**୧. ଆଦି, ଅନାଦି ଏକାକ୍ଷର ବ୍ରହ୍ମଯଜ୍ଞ :** ୨୦୦୧ ମସିହା ମଇ ମାସ ତିନି ତାରିଖରେ ପ୍ରଭୁ ଏହି ଯଜ୍ଞ ଅବିଭାଜିତ ସମ୍ବଲପୁର ତଥା ବର୍ତ୍ତମାନର ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ସମାସିଂହାଠାରେ ଅନୁଷ୍ଠିତ କରାଇଥିଲେ । ସୃଷ୍ଟି ତତ୍ତ୍ୱର ନିର୍ଯ୍ୟାସରେ ଏ ସୃଷ୍ଟି ଏବଂ ସମସ୍ତ ବ୍ରହ୍ମାଣ୍ଡର କାରଣ ତଥା ଆଧାର ସେହି ଆଦି, ଅନାଦି ଏକାକ୍ଷର ବ୍ରହ୍ମ ହିଁ ଅଟନ୍ତି । ଯୁଗବାଦର ନୀତି, ନିୟମ, ଜୀବ ସୃଷ୍ଟିର ରହସ୍ୟ, ଜୀବର ଚଳନିକ୍ରିୟା, କର୍ମାଦିର ପଥ ନିରୂପଣ, ସଂହାରାଦି କ୍ରିୟା ଓ ଯୁଗଲୀଳାର ନିଷ୍ପତ୍ତି

ସେହିଠାରେ ହୋଇଥାଏ । ତେଣୁ ଜୀବ ମୋକ୍ଷ ପାଇଁ ନିଜେ ସ୍ଥୂଳ ସହ ସେହି ଅଚିନ୍ତ୍ୟ ମଣ୍ଡଳକୁ ଯୁକ୍ତକରି ଦୁଇଟି ନିର୍ଯ୍ୟାସ ପ୍ରତିଷ୍ଠା କଲେ । ଯଥା:- ପ୍ରଥମରେ ସେ ଏଠାରେ ସ୍ଥୂଳ ଶରୀରରେ ଠୁଳବ୍ରହ୍ମ ଏବଂ ସେଠାରେ ଅବ୍ୟକ୍ତପୁରୁଷ ପରଂବ୍ରହ୍ମ । ସେ ହିଁ ଆଦି, ଅନାଦି ଓ ଏକାକ୍ଷର । ଯେ ହେତୁ ଜୀବର ଆଜି ପ୍ରାପ୍ତ ହୋଇଥିବା ଅଚେତନ ଅବସ୍ଥା ତାଙ୍କରି ସ୍ୱସମ୍ଭୂତ ଲୀଳାର ଅଂଶ ବିଶେଷ, ସେ ହେତୁ ଯଜ୍ଞ ମାଧ୍ୟମରେ ନିଜେ ସେହି ଅବ୍ୟକ୍ତ ଏକାକ୍ଷର ବ୍ରହ୍ମ ସ୍ୱରୂପ ମାଧ୍ୟମରେ ବନ୍ଧନମୁକ୍ତ କରିବାପାଇଁ ଆଶୀର୍ବାଦ କାରଣ ଜଗତରୁ ହିଁ ଆବାହନ କରି ଆଣିଲେ । ଦ୍ୱିତୀୟରେ ପରୋକ୍ଷ ଭାବରେ ନିଜର ଅସଲ (ମୂଳ) ସ୍ୱରୂପର ପରିଚୟ ପ୍ରଦାନ କଲେ ।

**୨. ଶବ୍ଦ, ନାଦ, ବିନ୍ଦୁ ଯଜ୍ଞ :** ବିରାଟ ପୁରୁଷଙ୍କ ଇଚ୍ଛାବଳୟ ମଧ୍ୟରେ ଏହି ତ୍ରିଶକ୍ତି ''ଶବ୍ଦ, ନାଦ, ବିନ୍ଦୁ'' ରହିଅଛି । ଆଦି, ଅନାଦି ଏକାକ୍ଷରରୁ ଜୀବ ସୃଷ୍ଟି ହେବାପରେ ତାଙ୍କରି ଇଚ୍ଛାରେ ଜୀବର ଶରୀର ମଧ୍ୟରେ ଏମାନେ ରୋପିତ ହେଲେ । ଦେହ ମଧ୍ୟରେ ଥାଇ ମଧ୍ୟ ଦେହୀଙ୍କ ଇଚ୍ଛାବିନା ଏମାନେ କାର୍ଯ୍ୟକ୍ଷମ ହୁଅନ୍ତି ନାହିଁ । ଅପରପକ୍ଷରେ ତାଙ୍କରି ଲୀଳାଅଂଶ ସମ୍ଭୂତ ଯୋଗମାୟା ମାୟାଚକ୍ରର ପ୍ରଭାବରେ ପଞ୍ଚଭୂତ ସ୍ପର୍ଶପାଇ ଏମାନେ କଳୁଷିତ ହୋଇଯାଆନ୍ତି । ତତ୍‌ସମ୍ପର୍କିତ କର୍ମଫଳ ସୂକ୍ଷ୍ମରେ ସେମାନଙ୍କ ମୂଳଉତ୍ସରେ କେନ୍ଦ୍ରୀଭୂତ ହୋଇ ରହିଯାଏ । ପ୍ରଦୂଷିତ, କଳୁଷିତ ହୋଇଗଲେ ଜୀବର ଶବ୍ଦ, ନାଦ ଅତ୍ୟନ୍ତ କର୍କଶ, ଅଶାଳୀନ ହୋଇ ମଧୁରତା ଓ ନମ୍ରତାକୁ ପରିହାର କରିଦିଏ । ବିନ୍ଦୁ ଅଗମ୍ୟ, ଅଚିନ୍ତ୍ୟ ତଥା ଅଭେଦ୍ୟ ହୋଇଯାଏ । ତେଣୁ ସୃଷ୍ଟି ଚକ୍ରର ଦ୍ୱିତୀୟ ସୋପାନ ''ଶବ୍ଦ, ନାଦ, ବିନ୍ଦୁ''ର ସଂସ୍କାର ପାଇଁ ଉକ୍ତ ଯଜ୍ଞାନୁଷ୍ଠାନ କରାଇ ଜୀବର ମୋକ୍ଷପଥ ଉନ୍ମୁକ୍ତ କରିବା ସଂଗେ ସଂଗେ ସେ ନିଜେ ହିଁ ''ଶବ୍ଦ, ନାଦ ଓ ବିନ୍ଦୁ'' ତାହାର ସ୍ପଷ୍ଟ ଚିତ୍ର ପ୍ରକାଶ କରିଦେଲେ ।

**୩. ବ୍ରହ୍ମ କୈବଲ୍ୟ ଶାନ୍ତି ଯଜ୍ଞ :** ଆଦି ଅନାଦି ମଣ୍ଡଳ, ଶବ୍ଦନାଦବିନ୍ଦୁ ସ୍ତରରେ ଜୀବର ପଥ ପରିଷ୍କାର କରି ବ୍ରହ୍ମଙ୍କର କୈବଲ୍ୟ ଜୀବ ଶରୀରରେ ପ୍ରବେଶ କରି ଶାନ୍ତି ଲାଭ ଉଦ୍ଦେଶ୍ୟରେ ଏହି ଯଜ୍ଞ ଅନୁଷ୍ଠିତ କରାଇ ଜୀବପାଇଁ ''ବ୍ରହ୍ମ କୈବଲ୍ୟ ମଣ୍ଡଳ'' ଉନ୍ମୁକ୍ତ କରିଦେଲେ ।

**୪. ଭୂମା ବିଭୂତି ମହାଯଜ୍ଞ :** ଜୀବପାଇଁ ଆଦି ଅନାଦି ଏକାକ୍ଷର ତତ୍ତ୍ୱ, ଶବ୍ଦ, ନାଦ, ବିନ୍ଦୁ ତତ୍ତ୍ୱ, ବ୍ରହ୍ମ କୈବଲ୍ୟ ଶାନ୍ତି ତତ୍ତ୍ୱର ଜ୍ଞାନପଥ ଉନ୍ମୀଳନ କରିବା ପରେ ବିରାଟ ପୁରୁଷ ସର୍ବବ୍ୟାପକ ଅବସ୍ଥା ଭୂମାଙ୍କୁ କାରଣ ଜଗତରୁ ହିଁ ଆବାହନ କରାଇ ତାଙ୍କର ସୂକ୍ଷ୍ମ ବିଭୂତି ପ୍ରାପ୍ତ ସଙ୍ଗେ ସଙ୍ଗେ ସେହି ମହାଜ୍ଞାନକୁ ଧରାପୃଷ୍ଠରେ ବିଛାଡ଼ି ଦେଲେ । ଏକ ବ୍ରହ୍ମ ସ୍ୱଇଚ୍ଛାରେ ଅନେକ ରୂପ, ଅନେକ ଭାବ ହୋଇ ନିଜକୁ ପିଣ୍ଡ, ବ୍ରହ୍ମାଣ୍ଡରେ ବିସ୍ତାରିତ କଲେ । ମନୁଷ୍ୟକୁ ଜ୍ଞାନବନ୍ତ, ଶକ୍ତିମନ୍ତ କରିବା ପାଇଁ ଅଶେଷ ବିଭୂତି ସୃଷ୍ଟିକରି ଇଚ୍ଛାମତେ ପିଣ୍ଡରେ ସୂକ୍ଷ୍ମ ଅବସ୍ଥା ମାଧ୍ୟମରେ ଅବସ୍ଥାନ କରାଇ ଦେଇ ତାହାକୁ ଜାଗ୍ରତ କରାଇବାର କୌଶଳ ଅତିସରଳ ଭାବରେ ବୁଝାଇ ଦେଲେ ଓ ଯଜ୍ଞ ମାଧ୍ୟମରେ ଜ୍ଞାନପଥ ଉନ୍ମୁକ୍ତ କରାଇଦେଲେ ।

ତେଣୁ କ୍ରମଅନୁସାରେ ପରମକାରୁଣିକଙ୍କ ଜୀବଜଗତ, ପିଣ୍ଡବ୍ରହ୍ମାଣ୍ଡ ପ୍ରତି ଝରି ଆସୁଥିବା ଆଶୀର୍ବାଦର ଧାରାକୁ ସ୍ଥିର ଚିତ୍ତରେ ଚିନ୍ତାକଲେ ସ୍ପଷ୍ଟ ଭାବରେ ପର୍ଯ୍ୟାୟଗୁଡ଼ିକ ଜଣାପଡ଼ିଯାଉଛି । କିନ୍ତୁ ମନରେ ପ୍ରଶ୍ନ ସୃଷ୍ଟି ହୋଇଯାଉଛି ଯେ, ପ୍ରଭୁଙ୍କର ଆଶିଷ ସର୍ବଜନପିଣ୍ଡକୁ ପ୍ରଭାବିତ କରୁନାହିଁ କାହିଁକି ? ସ୍ଥାନେ ସ୍ଥାନେ ଯଜ୍ଞାନୁଷ୍ଠାନ ହେଉଛି । ମାତ୍ର ବ୍ୟକ୍ତିମାନଙ୍କର ଆଧ୍ୟାତ୍ମିକ ଉନ୍ନତି ହେଉନାହିଁ ବା ଯଜ୍ଞ ଫଳ ପ୍ରାପ୍ତି ସ୍ଥୂଳରେ ଅନୁଭବ ହେଉନାହିଁ କାହିଁକି ? ଏହି ଜିଜ୍ଞାସା ମନରେ ରଖି ଅନୁଗତ ଜିଜ୍ଞାସୁ ପ୍ରଭୁଙ୍କ ଶ୍ରୀଚରଣାରବିନ୍ଦରେ ଅଳି ନିବେଦନ କରି ପଚାରିଲା :-

**ହେ ପ୍ରଭୁ ଅଗତିର ଗତି । ସର୍ବ ଘଟର ପ୍ରାଣପତି ॥**
**ହେ ସ୍ୱାମୀ ଜ୍ଞାନ ପାରାବାର । ଭକ୍ତ ଧନର ମୂଳାଧାର ॥**
**ହେ ନାଥ ପତିତ ପାବନ । ଅଜ୍ଞାନ କଳୁଷ ନାଶନ ॥**
**ହେ ଦେବ ମୋର କୃପାସିନ୍ଧୁ । ମୁଁ ସିନା ତୁମ କ୍ଷୁଦ୍ର ବିନ୍ଦୁ ॥**
**କଳିଲୀଳାର ଅନ୍ତରାଳେ । ଆନନ୍ଦେ ଖେଳୁଛ ନିଷ୍ଠଳେ ॥**
**ଦେବେ ମାନବେ ଅଗୋଚର । କିଏ ବୁଝିବ ଲୀଳାସାର ॥**
**ମର୍ତ୍ତ୍ୟଭୂମିର ଆରମ୍ଭରୁ । ଯେଉଁ ରହସ୍ୟ ଅବ୍ୟକ୍ତରୁ ॥**

ଏ ଯାଏ କ୍ଷରିତ ନହୋଇ । ଶୂନ୍ୟରେ ଥିଲା ଗୋପ୍ୟ ହୋଇ ॥
ଅଶେଷ କୃପା ଦାନ କରି । ଜ୍ଞାନଗଙ୍ଗାର ସ୍ରୋତ ପରି ॥
ଯଜ୍ଞ ପତ୍ରିକା ମାଧ୍ୟମରେ । ବିଛାଡ଼ି ଦେଲ ଧରାପରେ ॥
କାରଣ, ସୂକ୍ଷ୍ମ ଜଗତରୁ । ସେ ଅଷ୍ଟ ଫାଶ ବନ୍ଧନରୁ ॥
ମୁକ୍ତ କରିବା ସଂକଳ୍ପରେ । ବାଟ ଫିଟାଇ ଗୋପନରେ ॥
ମହିମା ପ୍ରକଟ କରୁଛ । ଜୀବେ ଗୋପନ ରଖିଅଛ ॥
ଏ ଯେଉଁ ଯଜ୍ଞ ହେଉଅଛି । ଫଳ କାହିଁକି ନ ଦିଶୁଛି ॥
ଜୀବର ପିଣ୍ଡେ ଦିବ୍ୟଜ୍ଞାନ । ନହୁଏ କିମ୍ପା ପ୍ରାଣଧନ ॥
ମନେ ସଂଶୟ ଆସୁଅଛି । ଆକୁଳେ ହୃଦୟ ଦହୁଛି ॥
ସେ ପାଇଁ ପଦ୍ମପାଦ ଭାଳି । କରୁଛି ଆଜି ଏହି ଅଳି ॥
ଏହାର ଭେଦ କହିଦିଅ । ନୋହିଲେ ପ୍ରାଣ ନେଇଯାଅ ॥

ହେ ଅଗତିର ଗତି ! ସକଳଘଟର ପ୍ରାଣପତି! ତୁମେ ହିଁ ଜ୍ଞାନର ସମୁଦ୍ର, ଭକତର ମୂଳାଧାର । ପତିତମାନଙ୍କ ପାଇଁ ପାବନ, ଅଜ୍ଞାନୀମାନଙ୍କର କଳୁଷନାଶନ । ତୁମେ ପ୍ରଭୁ କୃପାର ସିନ୍ଧୁ । ମୁଁ ତୁମ ଅଂଶର ଏକ ବିନ୍ଦୁ ମାତ୍ର । ନିଜକୁ ଏପରି ଗୋପନରେ ରଖି କଳିଲୀଳା ସଂରଚନ କରି ଚାଲିଛ ଯେ, ଦେବତାମାନଙ୍କୁ ମଧ୍ୟ ଗୋଚର ହେଉନାହିଁ । ମୋ ପରି ଅକିଞ୍ଚନ ତାହାକୁ କିପରି ବୁଝିବ ? ମର୍ତ୍ତ୍ୟଭୂମି ନିର୍ମାଣ ପୂର୍ବ ଓ ପରଠାରୁ ଆଜି ପର୍ଯ୍ୟନ୍ତ ଯେଉଁ ଗୁପ୍ତଜ୍ଞାନ ରହସ୍ୟ ଧରାବତରଣ ହୋଇନଥିଲା, ସେ ସମସ୍ତ ତତ୍ତ୍ୱରାଶିକୁ ''ଯଜ୍ଞ ସ୍ମରଣିକା'' ପତ୍ରିକା ମାଧ୍ୟମରେ ବିସ୍ତାରକରି ଧରିତ୍ରୀରେ ବଣ୍ଟନ କରି ଚାଲିଛ । ସ୍ୱ-ସଂକଳ୍ପିତ କର୍ମରେ ଅଟଳ, ଅଚଳ ରହି ଜୀବକୁ ଅଷ୍ଟଫାଶ ବନ୍ଧନରୁ ମୁକ୍ତ କରି ଜୀବନ୍ମୁକ୍ତ କରାଇବା ପାଇଁ ଗୋଟିକ ପରେ ଗୋଟିଏ ଅତି ଅଦ୍‌ଭୂତ ଯଜ୍ଞାନୁଷ୍ଠାନ କରାଇଚାଲିଅଛ । କିନ୍ତୁ ହେ ପ୍ରାଣଧନ ! ଯଜ୍ଞର ପ୍ରଭାବରେ ପ୍ରଭାବିତ ହୋଇ ଜୀବଜଗତର ଜ୍ଞାନ ଚକ୍ଷୁ ଖୋଲୁନାହିଁ କାହିଁକି ? ଦିବ୍ୟଜ୍ଞାନ ତାଙ୍କୁ କେଉଁ କାରଣରୁ ସ୍ପର୍ଶ କରୁନାହିଁ ? ଏହାର କାରଣ ଜାଣିବା ପାଇଁ ମନ ବ୍ୟାକୁଳ ହେଉଛି । ଦୟାକରି ସେହି ଭେଦ ବୁଝାଇ କହିଦିଅ । ଜିଜ୍ଞାସୁର

ଆକୁଳ ନିବେଦନ ଗ୍ରହଣ କରି ଦୀନବନ୍ଧୁ କରୁଣାମୟ କହିଲେ :-

ଭ୍ରମରେ ପଡ଼ିଛୁରେ ଧନ । ସେ ପାଇଁ ମନ ତୋ ଉଛନ ॥
ଯଜ୍ଞ ନିଷ୍ଫଳ ହେଉନାହିଁ । କଦାପି ମଧ ହେବନାହିଁ ॥
ଯୋଗମାୟାର ଢାଙ୍କୁଣୀରେ । ରହିଛି ପିଣ୍ଡ ବ୍ରହ୍ମାଣ୍ଡରେ ॥
ତେଣୁ ତୁ ଦେଖିପାରୁନାହୁଁ । ଅଯଥା ବ୍ୟାକୁଳିତ ହେଉ ॥
ଯେ ଜନ ଅଛି ଚେତନରେ । ଗୁରୁ ଆଜ୍ଞାକୁ ଦୃଢ଼ କରେ ॥
ସେ ଜନ ସବୁ ଦେଖୁଅଛି । ସର୍ବ ରହସ୍ୟ ଭେଦୁଅଛି ॥
ଯେ ଯଜ୍ଞ ସ୍ଥୂଳେ ହେଉଅଛି । ଫଳ ତା ସୂକ୍ଷ୍ମେ ରହୁଅଛି ॥
କାରଣ, ସୂକ୍ଷ୍ମ ଜଗତରେ । ଜୀବ ସଂସ୍କାର ସେ ଆଚରେ ॥
ସେ ଉର୍ଦ୍ଧ୍ୱସ୍ତର ଭେଦକରି । ମର୍ତ୍ତ୍ୟେ ଆସିଲେ ଅବତରି ॥
ସ୍ଥୂଳରେ ହେବ ଅବଗତ । ଅଧୀର ନ ହୁଅରେ ସୁତ ॥
ଶ୍ରଦ୍ଧା ଭକତି ବିଶ୍ୱାସରେ । ଲୟ ତୁ ରଖିଥା ଯଜ୍ଞରେ ॥
ଯଥା ସମୟେ ଫଳପ୍ରାପ୍ତ । ନିଶ୍ଚୟ ହେବ ଏହା ସତ ॥

ରେ ମୋର ଧନ ! ତୁ ଭ୍ରମରେ ପଡ଼ିଯାଇଛୁ । ସେଥିପାଇଁ ପ୍ରକୃତ ରହସ୍ୟ, ଯଜ୍ଞକର୍ମର ଫଳାଫଳ ଅନୁଭବ କରିପାରୁନାହୁଁ । ବ୍ରହ୍ମଙ୍କ ଆଜ୍ଞାରେ ଯୋଗମାୟା ଜଗତର ପିଣ୍ଡବ୍ରହ୍ମାଣ୍ଡକୁ ମାୟା ଢ଼ାଙ୍କୁଣୀରେ ଘୋଡ଼ାଇ ଦେଇଛି । ତେଣୁ ଯଜ୍ଞ ଫଳ ରହସ୍ୟ ସୂକ୍ଷ୍ମରେ ତା'ର ପିଣ୍ଡ ସ୍ପର୍ଶ କଲେ ସେ ଜାଣିପାରୁନାହିଁ । ଫଳରେ କିଛି ନାହିଁ କିଛି ହେଉନାହିଁ ବୋଲି କହୁଛି । କିନ୍ତୁ ଯେଉଁ ବ୍ୟକ୍ତି ଦୃଢ଼ ନିଷ୍ଠା, ଅନନ୍ୟ ଭକ୍ତିରେ ତା'ର ଗୁରୁଆଜ୍ଞା ପାଳନ କରି ପରମାର୍ଥ ପଥରେ ଗତି କରୁଛି, ସେ ଯୋଗମାୟାର ଆଶୀର୍ବାଦ ଲାଭକରି ସବୁ ଦେଖିପାରୁଛି ଓ ଅନୁଭବ କରୁଅଛି । ସର୍ବସାଧାରଣରେ ଫଳପ୍ରାପ୍ତି ଦେଖିବା ପାଇଁ ତୁ ଯେଉଁ ବ୍ୟାକୁଳତା ପ୍ରକାଶ କରୁଛୁ ତାହା ଅବଶ୍ୟ ଦେଖିବୁ । ଏହା ସତ୍ୟ । କିନ୍ତୁ ସେଥିପାଇଁ ଧୈର୍ଯ୍ୟରକ୍ଷାକରି ଅପେକ୍ଷା କର । କାରଣ ଏଠାରେ ଅନୁଷ୍ଠିତ ହେଉଥିବା ସ୍ଥୂଳ ଦ୍ରବ୍ୟ ଯଜ୍ଞ, ଜ୍ଞାନଯଜ୍ଞ, ନାମଯଜ୍ଞ ଓ ଅନ୍ନଯଜ୍ଞାଦିର

ଫଳ ସୂକ୍ଷ୍ମରେ କାରଣ ଓ ସୂକ୍ଷ୍ମ ଜଗତ ସ୍ପର୍ଶ କରୁଛି । ସୃଷ୍ଟି ଚକ୍ରର ନିର୍ଦ୍ଧାରିତ ନିୟମରେ ପର୍ଯ୍ୟାୟକ୍ରମେ ପିଣ୍ଡପୁରୁଷ ମଣ୍ଡଳରେ ଗଚ୍ଛିତ ହୋଇ ରହିଥିବା ଜୀବର ପ୍ରାରବ୍ଧ ଓ କ୍ରିୟମାଣ ସଞ୍ଚିତ କର୍ମକୁ ସ୍ପର୍ଶକରି ସେଠାରେ ସଂସ୍କାର ତୋଳି ଚାଲିଛି । ଆଗକୁ ଆହୁରି ଅନେକ ଯଜ୍ଞ ଅଛି । ଯେତେବେଳେ ଏଠାରେ ସ୍ଥୂଳ ଯଜ୍ଞର ସଂସ୍କାରକ୍ରମ ଏକ ନିର୍ଦ୍ଦିଷ୍ଟ ସ୍ତରରେ ପହଞ୍ଚିବ ସେତେବେଳେ କାରଣ ଓ ସୂକ୍ଷ୍ମ ମଣ୍ଡଳରେ ଥିବା ସଂସ୍କାରିତ ଫଳ (ଯଜ୍ଞଫଳ) ଆଶୀର୍ବାଦର ରୂପନେଇ ସ୍ଥୂଳ ଜଗତକୁ ଖସି ଆସିବ । ସେହି ସମୟରେ ଯୋଗମାୟା ତା'ର ମାୟାପଟଳ ଅପସାରିତ କରିନେବ ଏବଂ ସମସ୍ତ ଜୀବ ସେହି ଦିବ୍ୟାନୁଭୂତି ପ୍ରାପ୍ତ ହେବେ । ସେ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ରହ । କିନ୍ତୁ ଗୁରୁ ପ୍ରଦତ୍ତ କର୍ମଯୋଗରୁ ବିଚ୍ୟୁତ ହୁଅନାହିଁ ।

ଆହୁରି ସରଳ ଭାବରେ । ବୁଝାଇ ଦେଉଛି ସ୍ଥୂଳରେ ॥
ଜମିରୁ ଫସଲ ଆଶାରେ । ଯେବେ ତୋ ମନ ଇଚ୍ଛାକରେ ॥
କ୍ଷେତକୁ ଚାଷ ତୁ ନ କରି । ବୀଜ କିବୁଣୁଛୁ ସେପରି ?
ଉତ୍ତମ ରୂପେ ଚାଷ ହୋଇ । ବୀଜ ବପନ ହୋଇଥାଇ ॥
ଯେ ଦିନ ବୀଜ ପକାଇଲୁ । ସେ ଦିନ ଫଳ କି ଲଭିଲୁ ?
ସୃଷ୍ଟିର ଗତି ଚକ୍ର ନେଇ । ବୀଜଟି ଅଙ୍କୁରିତ ହୋଇ ॥
ହେଉଛି ବୃକ୍ଷେ ପରିଣତ । କ୍ରମରେ ଫୁଲରେ ଶୋଭିତ ॥
ତାପରେ ଫଳ ହୋଇଥାଏ । ସଧୀରେ ପକ୍ୱ ହୋଇଥାଏ ॥
ସଂପୂର୍ଣ୍ଣରୂପେ ପାଚିଗଲେ । ବୃକ୍ଷରୁ ଆପେ ପଡ଼େ ତଳେ ॥
ପାଚିଲା ଆଗୁ ଯେବେ ତୁହି । କଞ୍ଚା ଫଳକୁ ଆଣୁ ଯାଇ ॥
ସ୍ୱାଦ କି ତାର ତୁ ପାଇବୁ ? କେତେଦିନ ରଖି ପାରିବୁ ?
ଅଳପ ଦିନେ ନଷ୍ଟ ହେବ । ମନରେ ବିକାର ଆସିବ ॥
ସେହି କ୍ରମରେ ଜୀବସତ୍ତା । ସଧୀରେ ଆଣ ମନେ ଚେତା ॥
ସୂକ୍ଷ୍ମ ଜଗତେ ଆଦ୍ୟ ଖେଳ । ସେ ପିଣ୍ଡ ପୁରୁଷ ମଣ୍ଡଳ ॥

| | | | |
|---|---|---|---|
| ପିଣ୍ଡର ଗଠନ ଆକାର | । | ସେଠି କରନ୍ତି ନିରାକାର | ॥ |
| ରେତ ଓ ବୀର୍ଯ୍ୟ ମିଳନରେ | । | ବିନ୍ଦୁ ଯେ ରହଇ ଗର୍ଭରେ | ॥ |
| ପିଣ୍ଡ ମଣ୍ଡଳ ଆକୃତିରେ | । | ଶରୀର ହୁଅଇ ଜଠରେ | ॥ |
| ଗର୍ଭରେ ଦଶମାସ ରହି | । | ଶରୀର ପୂର୍ଣ୍ଣାଙ୍ଗ ହୁଅଇ | ॥ |
| ତାପରେ ଭୂମିଷ୍ଠ ସେ ହୁଏ | । | କ୍ରମରେ ବିକଶିତ ହୁଏ | ॥ |
| ସଂପୂର୍ଣ୍ଣ ଗଠନ ପୂର୍ବରୁ | । | ଯଦି ସେ ଖସଇ ଗର୍ଭରୁ | ॥ |
| ଶରୀର ଅସମ୍ପୂର୍ଣ୍ଣ ରହି | । | ତାହାକୁ ବିକଳାଙ୍ଗ କହି | ॥ |
| ପୂର୍ଣ୍ଣାଙ୍ଗ ଶିଶୁ ଜନ୍ମହୋଇ | । | କହି କି ପାରେ କଥା ସେହି | ॥ |
| ଆପଣା ଛାଏଁ ଚଳି ପାରେ | ? | ତତକ୍ଷଣେ କି ଜାଣିପାରେ | ? |
| ତେଣୁ ରେ ଅବୋଧ ସନ୍ତାନ | । | ସୃଷ୍ଟି ତତ୍ତ୍ୱରେ ଦିଅ ମନ | ॥ |
| ହଠାତ ଫଳ ଚାହଁ ନାହିଁ | । | ଅପୂର୍ଣ୍ଣ ହୋଇ ରହନାହିଁ | ॥ |
| ଏହି ଭାବରେ ଚିନ୍ତାକରି | । | ବୋଧ ଶକ୍ତିରେ ବ୍ରହ୍ମସ୍ମରି | ॥ |
| ସମୟ ଗତି ଲକ୍ଷ୍ୟ କର | । | ପାଇବୁ ଫଳ ରେ କୁମର | ॥ |
| ଏ ଯେଉଁ ଯଜ୍ଞ ହେଉଥାଇ | । | କେବେ ନିଷ୍ଫଳ ହେବନାହିଁ | ॥ |
| ଏ ଅଟେ ବ୍ରହ୍ମର ବଚନ | । | ଟାଣରେ ବାନ୍ଧି ରଖ ମନ | ॥ |

ଯଜ୍ଞଫଳ ସମ୍ପର୍କରେ ତୋ ମନରେ ଉପୁଜିଥିବା ସନ୍ଦେହ ମୋଚନ ପାଇଁ ଆହୁରି ସରଳ ଭାବରେ ତୋତେ ବୁଝାଇ ଦେଉଛି ଶୁଣ୍ । ଚାଷୀ ଯେତେବେଳେ ଫସଲ କାମନା କରୁଛି, ବିନା ଚାଷରେ କ'ଣ ସେ କ୍ଷେତରେ ବୀଜ (ମଞ୍ଜି) ବୁଣି ଦେଉଛି ? କ୍ଷେତରେ ଉତ୍ତମରୂପେ ଚାଷ ହେବାପରେ ବୀଜ ବପନ କରୁଛି ବା ମଞ୍ଜି ବୁଣି ଦେଉଛି । ମଞ୍ଜି ଯେଉଁଦିନ ବୁଣିଲା, ସେହିଦିନ ଯଦି ସେ ଫଳ ଖୋଜି ବସିବ ତାହାକୁ କ'ଣ ସଙ୍ଗେ ସଙ୍ଗେ ପାଇଯିବ ? ସୃଷ୍ଟି ତତ୍ତ୍ୱ ଅନୁସାରେ ବୀଜରୁ ଅଙ୍କୁରୋଦ୍ଗମ ହୋଇ ବୃକ୍ଷ ହେବ । କ୍ରମଅନୁଯାୟୀ ବୃକ୍ଷର ପରିପକ୍ୱତା ଆସିଲେ ସେ ପୁଷ୍ପିତ ହେବ ଏବଂ ତାପରେ ଫୁଲ, ଫଳ ସୃଷ୍ଟି ହେବ । ସେହି ଫଳ ସୃଷ୍ଟି

ହେବା ସଙ୍ଗେ ସଙ୍ଗେ ବା ବର୍ଦ୍ଧିଷ୍ଣୁ ଅବସ୍ଥା ନ ଆସି ପାଚିବା ପୂର୍ବରୁ ଯଦି ତୁ ଛିଣ୍ଡାଇ ଆଣୁ, ତେବେ ତା'ର ମୌଳିକ ସ୍ୱାଦୁ ପାଇବୁ ତ ? ଭଲ ଭାବରେ ପାଚିବା ପୂର୍ବରୁ ବା ପରିପକ୍ୱ ହେବା ପୂର୍ବରୁ ଆଣିଲେ ତାକୁ ଅଧିକ ଦିନ ରଖିପାରିବୁ କି ? ପରିପକ୍ୱତା ଅଭାବରୁ ଖୁବ୍ କମ୍ ସମୟ ମଧ୍ୟରେ ତାହା ପଚି ନଷ୍ଟ ହୋଇଯିବ । ସେତେବେଳେ ଅନୁତାପ କରି ବିକାରଗ୍ରସ୍ତ ହେବୁ । କିନ୍ତୁ ସେ ଫଳଟିକୁ କ'ଣ ପାଇବୁ ? ଯଦି ସେ ଫଳ ଇଚ୍ଛା କରୁ, ତେବେ ପୁଣିଥରେ ଜମିକୁ ଚାଷ କରି ସେହିକ୍ରମରେ ବୀଜବପନ କରି ଅପେକ୍ଷା କରିବାପାଇଁ ହେବ । ଠିକ୍ ସେହିପରି ପ୍ରାଣୀ ଜଗତ/ଜୀବଜଗତ କଥା ସ୍ମରଣ କର । ଜୀବର ଶରୀର ପିଣ୍ଡପୁରୁଷ ମଣ୍ଡଳରେ ପ୍ରଥମେ ସୂକ୍ଷ୍ମରେ ଗଠନ ହୁଏ । ସ୍ଥୂଳରେ ବୀର୍ଯ୍ୟ ଓ ରେତ ସଂଯୋଗରେ ମାତୃଗର୍ଭରେ ବିନ୍ଦୁ ସ୍ଥାପନ ହୁଏ । କ୍ରମ ଅନୁସାରେ ପିଣ୍ଡ ପୁରୁଷମଣ୍ଡଳରେ ନିଷ୍ପତ୍ତି ହୋଇଥିବା ଆକୃତି ଅନୁସାରେ ମାତୃଗର୍ଭରେ ସ୍ଥୂଳ ପିଣ୍ଡ ଗଠନ ହୋଇ ପୂର୍ଣ୍ଣାଙ୍ଗ ହେବା ପରେ ଭୂମିଷ୍ଠ ହୁଏ । ଏହି ପୂର୍ଣ୍ଣାଙ୍ଗ ଅବସ୍ଥା ପ୍ରାପ୍ତ ପୂର୍ବରୁ ଯଦି ସେହି ଅସଂପୂର୍ଣ୍ଣ ଭ୍ରୁଣ ବାହାରକୁ ଆସେ ତେବେ ବିକଳାଙ୍ଗ ହୋଇଯାଏ । ପୂର୍ଣ୍ଣାଙ୍ଗ ଶିଶୁ ଭୂମିଷ୍ଠ ହେବା ସଂଗେ ସଂଗେ କ'ଣ ଚଳତ୍‌ଶକ୍ତି, ଇଚ୍ଛାଶକ୍ତି ଓ ଜ୍ଞାନଶକ୍ତି ପ୍ରାପ୍ତ ହୋଇ ଜଣେ ପୂର୍ଣ୍ଣାଙ୍ଗମନୁଷ୍ୟ ପରି ଆଚରଣ, ବ୍ୟବହାର କରିପାରେ ? ସୃଷ୍ଟିଚକ୍ରର ନିୟମରେ ପର୍ଯ୍ୟାୟକ୍ରମେ ସେ କ୍ରମବର୍ଦ୍ଧିଷ୍ଣୁ ହୋଇ ଆବଶ୍ୟକ ଶକ୍ତି ପ୍ରାପ୍ତ ହୋଇଥାଏ । ତେଣୁ ରେ ବାଉଳା ! ଏ ଯେଉଁ ଯଜ୍ଞଅନୁଷ୍ଠାନ ସବୁ ହେଉଛି, ତାହାର ଫଳକୁ ସେହି ଭାବରେ ଗ୍ରହଣ କରି ଅପେକ୍ଷା କର । ସ୍ଥୂଳରେ ଫଳ ଅନୁଭବ ନିଶ୍ଚୟ ହେବ । ଏହା ହେଉଛି ବ୍ରହ୍ମ ବଚନ । କଦାପି ଅନ୍ୟଥା ହେବ ନାହିଁ ।

ମହାପ୍ରଭୁଙ୍କ ଶ୍ରୀମୁଖରୁ ଏହାଶୁଣି ଅନୁଗତ ଜିଜ୍ଞାସୁ କୃତ କୃତ୍ୟ ହୋଇ ପୁନଶ୍ଚ ପ୍ରାର୍ଥନା କଲା :

**ଭୋ ଦେବ ! କରୁଣାସାଗର । ସ୍ନେହ ମମତା ପାରାବାର ॥**
**ଶ୍ରୀମୁଖ ପଦ୍ମ ସୁଧାବାରି । ଶୁଣି ଏ ଜୀବ ଯାଉ ତରି ॥**
**ସମ୍ବଲପୁର ରେଙ୍ଗଲୋଇ । ଏ ଯେଉଁ ଯଜ୍ଞ ହେଉଥାଇ ॥**
**ବ୍ରହ୍ମ ଅମୃତ ଶାନ୍ତି ନାମ । କେଉଁ କାରଣ କାହା ଧାମ ॥**
**କାହାକୁ ''ଅମୃତ'' କହଇ । କେଉଁଠି କିପରି ଏ ଥାଇ ॥**

''ଶାନ୍ତି'' ଶବ୍ଦ ଯୁକ୍ତ ହେଲା । କେଉଁ ମହିମା ବିସ୍ତାରିଲା ॥
କୁହନ୍ତୁ ବୁଝାଇ ସରଳେ । ଅଥୟ ମନ ମୋ ବ୍ୟାକୁଳେ ॥

ହେ କରୁଣାମୟ ! ଶ୍ରୀମୁଖ ପଦ୍ମରୁ ନିର୍ଗତ ଏହି ସୁଧାରାଶି ଗ୍ରହଣ କରି ତରି ଗଲି । ତଥାପି ଅବୁଝା ମନ ମୋର ବ୍ୟାକୁଳ ହେଉଛି । ସମ୍ବଲପୁରରେ ''ବ୍ରହ୍ମ ଅମୃତ ଶାନ୍ତି'' ଯଜ୍ଞ କରାଉଛନ୍ତି । ଏହାର ଅନ୍ତରାଳରେ ଥିବା ରହସ୍ୟ ଦୟାକରି ବୁଝାଇ ଦିଅନ୍ତୁ । ''ଅମୃତ'' କାହାକୁ କହନ୍ତି ? ଏହା କେଉଁଠାରେ ଥାଏ ? କିପରି ଜୀବ ପ୍ରାପ୍ତ ହୁଏ ? ''ଶାନ୍ତି'' ଶବ୍ଦ କେଉଁ କାରଣରୁ ଯୁକ୍ତ ହୋଇଛି ? ଏ ସମସ୍ତ ପ୍ରସଙ୍ଗ ଆଲୋଚନା କରି ଆମକୁ ଧନ୍ୟ କରାନ୍ତୁ ।

ପ୍ରେମାବତାର ଜ୍ଞାନସାଗର ସହାସ୍ୟ ବଦନରେ କହିଲେ:

'ଅମୃତ' ଦେବଙ୍କ ପାନୀୟ । ଜ୍ଞାନ ରୂପରେ କରେ ଥୟ ॥
ସମୁଦ୍ର ମନ୍ଥନ କାଳରେ । ପ୍ରଥମେ ଆସିଲା ଗୋଚରେ ॥
'ଅ' କାରେ ଅଣାକାରେ ସ୍ଥିତ । ଏକାକ୍ଷରରୁ ସେ ସମ୍ଭୁତ ॥
ଜ୍ଞାନ ଭଣ୍ଡାର ପୂର୍ଣ୍ଣହୋଇ । ବ୍ରହ୍ମଜ୍ଞାନରେ ସଦା ଥାଇ ॥
'ମ' କାର ତତ୍ତ୍ୱେ ପିଣ୍ଡ ସୃଷ୍ଟି । ଗୁପ୍ତରେ ରଖି ପରମେଷ୍ଠୀ ॥
ପଞ୍ଚଭୂତର ପଞ୍ଚତତ୍ତ୍ୱ । ଅଟଇ 'ମ'କାର ମହତ୍ତ୍ୱ ॥
ମତ୍ସ୍ୟ, ମାଂସ, ମୁଦ୍ରା, ମୈଥୁନ । ମଦ୍ୟରେ ପିଣ୍ଡ ଉପାଦାନ ॥
'ର' କାର ରମାବୀଜ ହୋଇ । ଶକତି ଦିଅଇ ମିଶାଇ ॥
'ଉ' କାରେ ମନ ସ୍ଥିର କରି । ଇନ୍ଦ୍ରିୟ ବନ୍ଧ ହୁଏ ପାରି ॥
'ତ' କାର ତତ୍ତ୍ୱ ବହିଥାଏ । ଜ୍ଞାନ ମଣ୍ଡଳ ଛୁଇଁ ଥାଏ ॥
ତରଣୀ ହୋଇ ଭବନଦୀ । ପାରି କରାଏ ଜ୍ଞାନ ଭେଦି ॥
ଜୀବ ଓ ପରମର ସଙ୍ଗ । ମଝିରେ ହୁଏ ସେ ତରଙ୍ଗ ॥
ଏ ପଞ୍ଚାକ୍ଷର ତତ୍ତ୍ୱରାଶି । ଆସଇ ଅମୃତେ ପ୍ରକାଶି ॥
ଏକାକ୍ଷରରେ ଜ୍ୟୋତି ରୂପେ । ରହିଛି ଅମୃତ ସମୀପେ ॥
ଏ ପଞ୍ଚତତ୍ତ୍ୱ ସିଦ୍ଧି ପାଇଁ । ଯେ ଜନ ସଦା ଭଜୁଥାଇ ॥
ତଦନୁସାରେ କର୍ମ ଯୋଗ । ନିଷ୍ଠାରେ କରୁଥାଏ ଭୋଗ ॥

ସେହି ବ୍ୟାକୁଳ ଭକ୍ତି ଭାବ । ପାନୀୟ ରୂପେ ଆବିର୍ଭାବ ॥
ସ୍ଥୁଳ ଦେହରେ ଦେହୀ ନିଏ । ସୂକ୍ଷ୍ମରେ ପରମ ତା ପାଏ ॥

କରୁଣା ଘନମୂର୍ତ୍ତି କହିଲେ, ''ଅମୃତ'' କହିଲେ ଦେବତାମାନଙ୍କ ପାନୀୟ ବୋଲି ବୁଝାଏ । ଦେବତାମାନଙ୍କ ପାନୀୟ ହେଉଛି ''ବ୍ରହ୍ମଜ୍ଞାନ'' । ଯିଏ ଥରେ ଏହି ଜ୍ଞାନରୂପକ ପାନୀୟ ''ଅମୃତ'' ପ୍ରାପ୍ତ ହୁଏ, ତାହାଠାରେ ଦେବତ୍ୱ ପ୍ରକାଶ ହୁଏ । ଜ୍ୟୋତିରୂପରେ ଏହି 'ଅମୃତ' ଏକାକ୍ଷର ବ୍ରହ୍ମଙ୍କ ମଧ୍ୟରେ ରହିଅଛି । ସମୁଦ୍ର ମନ୍ଥନ ସମୟରେ ଜଳତରଙ୍ଗର ରୂପ ନେଇ ଏହି 'ଅମୃତ' ପ୍ରଥମେ ସ୍ଥୂଳରେ ପ୍ରକାଶିତ ହୋଇଥିଲା । ପଞ୍ଚ ଅକ୍ଷରର ସମଷ୍ଟିରେ ''ଅମୃତ'' ଶବ୍ଦର ଉଦ୍ଭବ ହୋଇଅଛି । ଯଥା:-ଅ+ମ+ର+ଉ+ତ । 'ଅ'କାର ଅର୍ଥାତ୍ ଅଣାକ୍ଷର । ଅଣାକ୍ଷରର ସମସ୍ତ ଜ୍ଞାନ ଏହି ଅକ୍ଷର ମଧ୍ୟରେ ରୋପିତ ହୋଇଅଛି । 'ମ'କାର ତତ୍ତ୍ୱରେ ଏ ପିଣ୍ଡ ସୃଷ୍ଟି । ମତ୍ସ୍ୟ, ମାଂସ, ମୁଦ୍ରା, ମୈଥୁନ ଓ ମଦ୍ୟ ଏହି ପଞ୍ଚତତ୍ତ୍ୱ ପିଣ୍ଡ (ଶରୀର)ର ଉପାଦାନ ଅଟନ୍ତି । ପଞ୍ଚଭୂତର ପଞ୍ଚତତ୍ତ୍ୱ ସହ ସଂଯୋଗ ସ୍ଥାପନ କରି ଉକ୍ତ ପଞ୍ଚ 'ମ'କାର ଜୀବର ପ୍ରକୃତି ଓ ପ୍ରବୃତ୍ତି ନିୟନ୍ତ୍ରଣ କରନ୍ତି । ''ର'' କାର ରମାବୀଜ ବା ହ୍ଲାଦିନୀ ଶକ୍ତିବୀଜ । ଏହି ବୀଜର ପ୍ରଭାବ ପିଣ୍ଡରେ ଶକ୍ତି ପ୍ରଦାନ କରେ । ବିଶେଷତଃ ପ୍ରେମଭାବ ଓ ଭକ୍ତିଭାବ ଉଦ୍ରେକ କରାଏ । 'ଉ'କାର ସ୍ଥିରତା, ସ୍ଥିତପ୍ରଜ୍ଞତା ଦ୍ୱାରା ଇନ୍ଦ୍ରିୟ ସଂଯମ ଶକ୍ତି ବିକିରଣ କରେ । 'ତ'କାର ତରଣୀ ସଦୃଶ କାର୍ଯ୍ୟକରେ । ବ୍ରହ୍ମଜ୍ଞାନ ତତ୍ତ୍ୱ ନିରୂପଣ କରି ଜ୍ଞାନ ମଣ୍ଡଳ ସହ ସଂଯୋଗ ସ୍ଥାପନ କରେ । ଉକ୍ତ ପଞ୍ଚଭାବର ଆଶିଷକୁ (ସିଦ୍ଧି) 'ଅମୃତ' କୁହାଯାଏ । ବ୍ୟକ୍ତି ତା'ର ଅଭ୍ୟାସ ଦ୍ୱାରା ମନରେ ବ୍ୟାକୁଳତା ଜାଗ୍ରତ କରାଇ ପ୍ରେମ ଓ ଭକ୍ତି ସଂଯୋଗ କରି ଯେତେବେଳେ ଏହି ରହସ୍ୟ ଭେଦ ପାଇଁ 'ତପ' ଆଚରଣ କରେ ସେତେବଳେ ସେହି ଭାବର ତରଙ୍ଗକୁ ପିଣ୍ଡ ବା ଦେହ ଭିତରେ ଥିବା ଦେହୀ ପାନୀୟ ରୂପରେ ଗ୍ରହଣ କରେ । ଅଭ୍ୟାସର ଦୃଢ଼ତା କ୍ରମଶଃ ବ୍ରହ୍ମଙ୍କ ନିକଟତର ହୁଏ । ଅବଶେଷରେ ତାଙ୍କ କୃପା ବଳରେ ଉକ୍ତ ଜ୍ଞାନତତ୍ତ୍ୱର ସିଦ୍ଧି ପ୍ରାପ୍ତ ହୁଏ । ଏହାକୁ ଅମୃତ ପ୍ରାପ୍ତି ବୋଲି କହନ୍ତି । ସେହି କାରଣରୁ କୁହାଯାଏ, ଏ ଜୀବ ଅମୃତର ସନ୍ତାନ । ଅମୃତରୁ ଏହାର ସୃଷ୍ଟି । ଅମୃତରେ ସ୍ଥିତି ଏବଂ ଶେଷରେ ସେହି ଅମୃତରେ ହିଁ ବିଲୟ ଘଟେ ।

ପଞ୍ଚତତ୍ତ୍ୱର ପଞ୍ଚଭୂତ । ଅଶେଷ ଭାଗରେ ବିଭକ୍ତ ॥
ପ୍ରତିଟି ପୃଥକ ଭାଗରେ । ରହିଛି ଅମୃତ ଭାବରେ ॥

'ଅ'କାର ଚିତ୍ତେ ଦୃଢ଼ ହେଲେ । ଜ୍ଞାନ ପିପାସା ବଢ଼େ ଭଲେ ॥
ଜୀବର ମଧ୍ୟେ ଯେ ପିପାସା । ବ୍ରହ୍ମଙ୍କ ପାନୀୟର ତୃଷା ॥
ସେହି ପିପାସା ପାନ କରି । ପ୍ରୀତ ହୁଅନ୍ତି ନରହରି ॥
ଦିଅନ୍ତି ବ୍ରହ୍ମଜ୍ଞାନ ତତ୍ତ୍ୱ । ନାମ ତା ଅଟେ "ଜ୍ଞାନାମୃତ" ॥
ଯେ ପ୍ରାଣୀ ଲଭେ ଜ୍ଞାନାମୃତ । ସଦା ଆନନ୍ଦ ତା'ର ଚିତ୍ତ ॥
ବ୍ରହ୍ମଙ୍କ ରୂପ, ଲୀଳା, ଗାଥା । ଅପୂର୍ବ ଚରିତର କଥା ॥
ସଦା ସେ ମନେ ଖୋଜୁଥାଏ । ପାଗଳ ପ୍ରାୟ ଘୁରୁଥାଏ ॥
ବେଦ, ପୁରାଣ, ଶାସ୍ତ୍ର ଯେତେ । ପୂର୍ଣ୍ଣ ହୋଇଛି ଜ୍ଞାନାମୃତେ ॥
ଗାଥାରେ ଗୀତା, ଭାଗବତ । ଅଟଇ ଶ୍ରେଷ୍ଠ ଜ୍ଞାନାମୃତ ॥
ଯେ ସ୍ଥାନେ ସତସଂଗ ହୁଏ । ଏହି ଅମୃତ ଝରୁଥାଏ ॥
ଯେ ପ୍ରାଣୀ ବସେ ଶୁଦ୍ଧଚିତ୍ତେ । ସଦାଚାରରେ ଦୃଢ଼ ବ୍ରତେ ॥
ଏହି ଅମୃତ ପ୍ରାପ୍ତ ହୁଏ । ବ୍ରହ୍ମଜ୍ଞାନରେ ବୁଡ଼ିରହେ ॥

ପଞ୍ଚଭୂତର ପଞ୍ଚତତ୍ତ୍ୱ ଏବଂ ପଞ୍ଚତତ୍ତ୍ୱରେ ପଞ୍ଚଭୂତ ଅଶେଷ ବିଭାଗରେ ବିଭକ୍ତ ହୋଇଛି । ପ୍ରତି ବିଭାଗର ପୃଥକ୍ ପୃଥକ ଭାବ, କର୍ମ, ତପ ଓ ସିଦ୍ଧି ଅଛି । ସେହି ଅନୁସାରେ ଅମୃତର ମଧ୍ୟ ପ୍ରକାରଭେଦ ଓ ନାମକରଣ ହୋଇଛି । ସେ ସମସ୍ତ ବିଶଦ ଭାବରେ ଆଲୋଚନା କଲେ ଏକ ବିରାଟ ଗ୍ରନ୍ଥ ହୋଇଯିବ । ତେଣୁ ତନ୍ମଧ୍ୟରୁ କିଞ୍ଚିତ୍ ପ୍ରକାଶ କରୁଛି ଗ୍ରହଣ କର । 'ଅମୃତ'ର 'ଅ' କାର ଜ୍ଞାନର ପ୍ରତୀକ ଅଟେ । ଯେଉଁ ବ୍ୟକ୍ତିର ଚିତ୍ତରେ ଉକ୍ତ 'ଅ'କାର ଜାଗ୍ରତ ହୋଇ ଦୃଢ଼ ହେବାକୁ ଆରମ୍ଭ କରେ, ତାହାର ହୃଦୟରେ, ମନରେ ଜ୍ଞାନ ପିପାସା ସୃଷ୍ଟି ହୁଏ । ବ୍ୟକ୍ତି ଚିତ୍ତର ଏହି ପିପାସା ବ୍ରହ୍ମଙ୍କ ପାନୀୟ ଭାବରେ ଗୃହୀତ ହୋଇ ତାଙ୍କର ଭକ୍ତି ତୃଷା ନିବାରଣ ହୁଏ । ଅଭ୍ୟାସ ବଳରେ ଏହି କ୍ରିୟା ଦୃଢ଼ରୁ ଦୃଢ଼ତର ହେଲେ ବ୍ରହ୍ମ କରୁଣା ଝରି ଆସେ । ସେହି କରୁଣା ବଳରେ ବ୍ୟକ୍ତି ବ୍ରହ୍ମଜ୍ଞାନ ତତ୍ତ୍ୱ ପ୍ରାପ୍ତ ହୁଏ । ଏହାକୁ 'ଜ୍ଞାନାମୃତ' କହନ୍ତି । ଯେତେ ଶାସ୍ତ୍ର, ବେଦ, ପୁରାଣ ଆଦି ରହିଛି ସେଥିରେ ଜ୍ଞାନାମୃତ ପୂର୍ଣ୍ଣ ଭାବରେ ରହିଅଛି । ସେମାନଙ୍କ ମଧ୍ୟରେ ଶ୍ରେଷ୍ଠ ଜ୍ଞାନାମୃତ ବହନ କରିଛନ୍ତି ଶ୍ରୀମଦ୍ ଭଗବଦ୍‌ଗୀତା ଓ ଭାଗବତ । ଏହି ଅମୃତ ପିପାସୁ ବ୍ୟକ୍ତି ଓ ଅମୃତ ପ୍ରାପ୍ତ ବ୍ୟକ୍ତି ସର୍ବଦା ଆନନ୍ଦରେ ବିଚରଣ କରନ୍ତି । କେବଳ ବ୍ରହ୍ମଙ୍କ ରୂପ, ଗାଥା କଥା, ଶୁଣିବା ଓ ଶୁଣାଇବା ପାଇଁ ପାଗଳ ପ୍ରାୟ ଘୁରୁଥାନ୍ତି । ସତସଂଗ ତଥା ଯେଉଁ ସ୍ଥାନରେ ବ୍ରହ୍ମ ସଂପର୍କିତ ଆଲୋଚନା ହୁଏ ସେହି ସ୍ଥାନରେ ସୂକ୍ଷ୍ମରେ ଜ୍ଞାନାମୃତ ଆପେ ଆପେ

ଝରୁଥାଏ । ଯେଉଁ ବ୍ୟକ୍ତି ସଦାଚାରୀ ହୋଇ ଶ୍ରଦ୍ଧା, ପ୍ରେମ ଓ ବିଶ୍ୱାସର ସହ ଏହି ସ୍ଥାନରେ ବସି ଶୁଣେ ବା ଶୁଣାଏ ସେ ବ୍ୟକ୍ତି ଜ୍ଞାନାମୃତ ପ୍ରାପ୍ତ ହୁଏ । ସତସଂଗୀ ହେବାର ଅଭ୍ୟାସ ଓ ଆଗ୍ରହ ତା'ର ଯେତେ ଗାଢ଼ ହୁଏ, ସେ ବ୍ରହ୍ମଙ୍କର ସେତେ ନିକଟବର୍ତ୍ତୀ ହୁଏ ।

**ଜ୍ଞାନାମୃତକୁ ଲାଭକରି । ଯେ ସଦା ଭଜେ ହରି ହରି ॥**
**ସେହି ଅମୃତ ପ୍ରଭାବରେ । ଯୋଗମାୟା ଯେ କୃପାକରେ ॥**
**ବ୍ରହ୍ମଲୀଳାର ଗୁପ୍ତ ସୂତ୍ର । ଖୋଦନ ପାଟନର ସୂତ୍ର ॥**
**ବତାଇ ଦିଏ ସେ ସୂକ୍ଷ୍ମରେ । ପ୍ରାଣୀ ତା' ପାଏ ସହଜରେ ॥**
**ସେ ଗୁପ୍ତ ସୂତ୍ର ପ୍ରାପ୍ତ କରି । ବିହରେ ଲୀଳାଚକ୍ର ସ୍ମରି ॥**
**ଲୀଳା ପିପାସା ଦୃଢ଼ହେଲେ । ଅମୃତ ଝରିଆସେ ଭଲେ ॥**
**ତାହାର ନାମ "ଲୀଳାମୃତ" । ଭକତି ଭାବରେ ପୂରିତ ॥**
**ଯେ ପ୍ରାଣୀ ଲଭେ ଏ ଅମୃତ । ସର୍ବଦା ହୁଏ ସ୍ଥିର ଚିତ୍ତ ॥**
**ଲୀଳା ଶ୍ରବଣେ ଭକ୍ତି ଆସେ । ଭକ୍ତିରୁ "ଭକ୍ତାମୃତ" ରସେ ॥**
**ଭକ୍ତି ଅମୃତ ଲାଭ କରି । ଭକତ ଭାବେ ଅବତରି ॥**
**ଭଗବାନଙ୍କ ସଙ୍ଗ ପାଏ । ତାଙ୍କ ସହିତ ଏକ ହୁଏ ॥**

ଜ୍ଞାନାମୃତ ମାଧ୍ୟମରେ ଯିଏ ବ୍ରହ୍ମଜ୍ଞାନ ଲାଭ କରି ସର୍ବଦା ସେହି ଶ୍ରୀହରିଙ୍କୁ ଭଜନ, ମନନ, କୀର୍ତ୍ତନ କରୁଥାଏ, ତା ପ୍ରତି ଯୋଗମାୟା ସଦୟ ହୁଏ । ଫଳରେ ଆଶୀର୍ବାଦ କରି ବ୍ରହ୍ମଲୀଳାର ଗୁପ୍ତ ସୂତ୍ର ଓ ଉକ୍ତ ସୂତ୍ରର ଖୋଦନ, ପାଟନର କୌଶଳ ସୂକ୍ଷ୍ମରେ ଦେଇଦିଏ । ତେଣୁ ସେ ବ୍ୟକ୍ତି ଅନାୟାସରେ ଲୀଳାସୂତ୍ର ଭେଦ କରିଯାଏ । ସେତିକିବେଳେ ବ୍ରହ୍ମଙ୍କ ନିକଟରୁ ଅମୃତ ଝରିଆସେ । ଏହାର ନାମ "ଲୀଳାମୃତ" । ଏହି ଅମୃତ ପ୍ରେମଶକ୍ତିରେ ବହୁ ବଳୀୟାନ ଓ ଗରୀୟାନ । 'ଲୀଳାମୃତ' ପ୍ରାପ୍ତ ହୋଇଥିବା ବ୍ୟକ୍ତି ଖୁବ୍ ସହଜରେ ଏବଂ ଅଳ୍ପ ସମୟ ମଧ୍ୟରେ ନିତ୍ୟରାସ ସ୍ତରରେ ପହଞ୍ଚିଯାଏ ଓ ତା'ର ତନୁ, ମନ, ପ୍ରାଣ, ସତ୍, ଚିତ୍, ଆନନ୍ଦରେ ପୂର୍ଣ୍ଣ ହୋଇଯାଏ । ଲୀଳାମୃତ ପାନ କରିବାପରେ ତାହାର ମନ ଭକ୍ତିରେ ପୂର୍ଣ୍ଣ ହୋଇଯାଏ । ଭକ୍ତିଭାବର ଦୃଢ଼ତାରେ 'ଭକ୍ତି ଅମୃତ' ତାହାକୁ ପ୍ରାପ୍ତ ହୁଏ । ଭକ୍ତି ଅମୃତ ପ୍ରାପ୍ତପରେ ସେ ଭଗବାନଙ୍କୁ ଲାଭ କରି ଭକ୍ତର ପରିଚୟ ବହନ କରେ । ଭକ୍ତ-ଭଗବାନ ସେତେବେଳେ ଏକ ଓ ଅଭିନ୍ନ ହୋଇଯାଆନ୍ତି । ପ୍ରଭୁଙ୍କ ଶ୍ରୀମୁଖରୁ ଅମୃତବାଣୀ ଗ୍ରହଣ କରି ଆତ୍ମ ବିହ୍ୱଳିତ ଅନୁଗତ ଦାସ ଉତ୍ସାହୀ ହୋଇ ପୁନଃ ନିବେଦନ କଲା :

ହେ ସ୍ୱାମୀ ମୋର ପ୍ରାଣପତି । ଅନାଥ, ଅଗତିର ଗତି ॥
ଏ ଯେଉଁ ଅକଳନ ବାଣୀ । ଝରାଉଅଛ ଚକ୍ରପାଣି ॥
ଶ୍ରୀମୁଖ ପଦ୍ମରୁ ଝରୁଛି । ବିଜୁଳି ସମ ଝଟକୁଛି ॥
ଅମାପ ଅବ୍ୟକ୍ତର ଜ୍ଞାନ । କରୁଛି 'ଚରମ' ମଣ୍ଡନ ॥
'ଯଜ୍ଞପତ୍ରିକା' ରୂପନେଇ । ଆସୁଛି ଶ୍ରୀକରୁ ଓହ୍ଲାଇ ॥
ଏ କେଉଁ ନାମର ଅମୃତ । କୁହ ହେ ପ୍ରଭୁ ଲକ୍ଷ୍ମୀକାନ୍ତ ॥

ହେ ସ୍ୱାମୀ ! ଆପଣ ମର୍ତ୍ତ୍ୟାବତରଣ କରିବା ପରଠାରୁ ଆଜି ପର୍ଯ୍ୟନ୍ତ ଅକଳନ, ଅବୋଧ୍ୟବାଣୀ ଧରାପୃଷ୍ଠକୁ ଦାନ କରିସାରିଲେଣି । ପିଣ୍ଡ, ବ୍ରହ୍ମାଣ୍ଡ ସଂପର୍କିତ ଅନେକ ଦୁର୍ଲ୍ଲଭ ଜ୍ଞାନଗଙ୍ଗା, ଯାହା ଏ ପର୍ଯ୍ୟନ୍ତ ଧରାପୃଷ୍ଠକୁ ଆସିନଥିଲା, ଆପଣଙ୍କ ଶ୍ରୀକରପଲ୍ଲବରୁ ନିର୍ଗତ ହୋଇ 'ଚରମ' ପତ୍ରିକା ମଣ୍ଡନ କରୁଛି । ସ୍ଥାନେ ସ୍ଥାନେ ଅନୁଷ୍ଠିତ ହେଉଥିବା ଯଜ୍ଞାନୁଷ୍ଠାନର ବିଷୟବସ୍ତୁକୁ (ରହସ୍ୟ) ଆଧାରକରି ''ସ୍ମରଣିକା' ମାଧ୍ୟମରେ ଅତି ଅଦ୍‌ଭୁତ, ଅପ୍ରକାଶିତ, ଅନାଲୋଚିତ ବ୍ରହ୍ମଜ୍ଞାନ ବିତରଣ କରିଚାଲିଛନ୍ତି । ଏ ସମସ୍ତ କେଉଁ ଅମୃତର ଅନ୍ତର୍ଗତ । ହେ ଅନାଥର ନାଥ ! ଲକ୍ଷ୍ମୀକାନ୍ତ ! ଦୟାକରି ବୁଝାଇ ଦିଅନ୍ତୁ ।

ଏହା ଶୁଣି ମନ୍ଦହାସ ପ୍ରଭୁ ଜଗଦୀଶ୍ୱର କହିଲେ :

ଅକ୍ଷର, ଶବଦ ଓ ଭାଷା । ବାକ୍ୟ ଓ ବାଣୀ ପରିଭାଷା ॥
ଅଧର ଦେଇ ଆସିଥାଏ । ବାୟୁ ତରଙ୍ଗେ ମିଶିଥାଏ ॥
ସେ ବାୟୁ ଜୀବର ପିଣ୍ଡରେ । ପ୍ରବେଶି ଭାବ ସୃଷ୍ଟିକରେ ॥
ଶ୍ରୀମଦ୍ ଭଗବଦ ଗୀତା । ଶ୍ରୀକୃଷ୍ଣ ଅଧରୁ ସମ୍ଭୂତା ॥
ଅର୍ଜ୍ଜୁନ ଶ୍ରୋତା ହୋଇଥିଲେ । ଶ୍ରବଣେ ଗ୍ରହଣ ତା କଲେ ॥
ଯେବେଳେ ଅଧରୁ ଖସିଲା । 'ଅଧରାମୃତ' ତା' ନାମ ହେଲା ॥
ଶାସ୍ତ୍ର ରୂପକୁ ସେହି ବାଣୀ । ଆଣିଲେ ଯେବେ ମୁନି ଗୁଣି ॥
ସର୍ବଜନଙ୍କୁ ଉଦେ ହେଲା । 'ଜ୍ଞାନାମୃତ'ର ନାମ ନେଲା ॥
ଯେ ବାଣୀ ଆସଇ ଅଧରୁ । 'ଅଧରାମୃତ'ର ସଂଜ୍ଞା କରୁ ॥
ଯେ ବାକ୍ୟ ଲେଖଇ ହସ୍ତରେ । ପ୍ରକାଶ ହୁଅଇ ଶାସ୍ତ୍ରରେ ॥
ତା ନାମ ହୁଏ 'ଜ୍ଞାନାମୃତ' । ସିଧା ସେ ଅବ୍ୟକ୍ତ ସମ୍ଭୂତ ॥

ଅକ୍ଷର, ଶବ୍ଦ, ଭାଷା, ବାକ୍ୟ, ବାଣୀ ଇତ୍ୟାଦି ଅଧର (ମୁଖ) ଦେଇ ଆସି ଶବ୍ଦ, ନାଦର ରୂପ ନିଏ ଏବଂ ବାୟୁ ତରଙ୍ଗରେ ମିଶିଯାଏ । ସେହି ବାୟୁ

ଜୀବ ପିଣ୍ଡରେ ଇନ୍ଦ୍ରିୟମାନଙ୍କ ଦ୍ୱାରା ପ୍ରବେଶ ହୋଇ ତଦନୁରୂପ ଭାବ ସୃଷ୍ଟି କରେ । ଅଧର ପଥ ଦେଇ ତାହା ଆସିଥିବାରୁ ତାହାର ନାମ 'ଅଧରାମୃତ' । ଶ୍ରୋତା, ଗ୍ରହୀତା ଯେତେବେଳେ ସେହି ଅଧରାମୃତ ଗ୍ରହଣ କରି ଶାସ୍ତ୍ରରେ ଲିପିବଦ୍ଧ କରି ସର୍ବଜନ ଉଦ୍ଦେଶ୍ୟରେ ପ୍ରକାଶ କରେ ସେତେବେଳେ ତାହାର ନାମ 'ଜ୍ଞାନାମୃତ' ହୁଏ । ଶ୍ରୀମଦ୍ ଭଗବଦ୍ ଗୀତା କଥା ସ୍ମରଣ କର । ଶ୍ରୀକୃଷ୍ଣଙ୍କ ଅଧରରୁ ତାହା ନିର୍ଗତ ହୋଇଥିଲା ଏବଂ ଶ୍ରୋତା, ଗ୍ରହୀତା ହିସାବରେ ଅର୍ଜ୍ଜୁନ ତାହାକୁ ଗ୍ରହଣ କରିଥିଲେ । ସେତେବେଳେ ଅର୍ଜ୍ଜୁନଙ୍କ ପାଇଁ ତାହାଥିଲା 'ଅଧରାମୃତ' । ପୁନଶ୍ଚ ଯେତେବେଳେ ସେହି ଦିବ୍ୟବାଣୀଗୁଡ଼ିକ ଲିପିବଦ୍ଧ ହୋଇ ସର୍ବଜନଙ୍କ ଉଦ୍ଦେଶ୍ୟରେ ସମର୍ପିତ ହେଲା, ସେବେଳେ ତାହାର ନାମ 'ଜ୍ଞାନାମୃତ' ହେଲା । ସେହି ବ୍ରହ୍ମରୂପ ସାକାର ହୋଇ ଯେଉଁ ବାକ୍ୟ ନିଜ ହସ୍ତରେ ଲେଖନ୍ତି ଏବଂ ଜୀବକଲ୍ୟାଣ ଉଦ୍ଦେଶ୍ୟରେ ଶାସ୍ତ୍ର ପ୍ରକାଶ କରନ୍ତି ସେତେବେଳେ ତାହାକୁ 'ଜ୍ଞାନାମୃତ' କହନ୍ତି । ଏହି ଜ୍ଞାନାମୃତକୁ ସେ ନିଜେ ପ୍ରତ୍ୟକ୍ଷ ଭାବରେ ଅବ୍ୟକ୍ତରୁ ଖସାଇ ଆଣନ୍ତି । ଏଥରକ ଆହୁରି ଉତ୍ସାହ ଓ ସାହସ ସଂଚୟ କରି ଅନୁଗତ ପ୍ରାର୍ଥନା କଲା :

**ଭୋ ଦେବ ମହିମା ସାଗର । ଜ୍ଞାନାମୃତର ପାରାବାର ॥**
**ଭକତ ଜନଙ୍କ ମୁଖରୁ । ଗ୍ରହୀତା ଅନୁଭବି ଠାରୁ ॥**
**ଶୁଣିଛି ଆହେ ପୀତବାସ । କରିଛ ସ୍ୱର୍ଣ୍ଣକ୍ଷେତ୍ରେବାସ ॥**
**ତୁମର ବାମ କରତଳ । ମକରନ୍ଦର କେନ୍ଦ୍ରସ୍ଥଳ ॥**
**ଝରିଲା ସେଠାରୁ ଅମୃତ । ଆପେ ହୋଇଲା ସମ୍ଭୂତ ॥**
**ପାଇଲେ କେତେ ଭକ୍ତ ଜନ । ପବିତ୍ର ହେଲା ତନୁ, ମନ ॥**
**ସେ କେଉଁ ଅମୃତ ଅଟଇ । କୁହ ହେ ପ୍ରଭୁ ଭାବଗ୍ରାହୀ ॥**

ହେ ଜ୍ଞାନପାରାବାର ! ମହିମାସାଗର ! ସ୍ୱର୍ଣ୍ଣକ୍ଷେତ୍ରବାସୀ ! ଅନେକ ଭକ୍ତଜନଙ୍କ ମୁଖରୁ ଏବଂ ପ୍ରତ୍ୟକ୍ଷଦର୍ଶୀ ଅନୁଭବିଙ୍କ ନିକଟରୁ ଶୁଣିଛି, ଅନେକ ଦିନ ତଳେ ଆପଣଙ୍କ ବାମକରତଳୁ ମକରନ୍ଦ ଆପେ ଆପେ ଝରୁଥିଲା । ତାହାକୁ ବହୁ ଭାଗ୍ୟବାନ ଭକ୍ତ ଗ୍ରହଣ କରିଛନ୍ତି, ପାନ କରିଛନ୍ତି । ସେ କେଉଁ ଅମୃତ ? ହେ ଭାବଗ୍ରାହୀ ! ମୋ ମନ ଭାବର ବ୍ୟାକୁଳତା ଗ୍ରହଣ କରି ପ୍ରକାଶ କରନ୍ତୁ ।

ଏହାଶୁଣି ପ୍ରଭୁ ପରମେଶ ମୃଦୁମୃଦୁ ହସି ନୀରବ ରହିଗଲେ । ଜିଜ୍ଞାସୁ ଜଣକ ବାରମ୍ବାର ସ୍ତୁତି, ପ୍ରାର୍ଥନା କରି ଉତ୍ତରଭିକ୍ଷା କରିବାକୁ ଲାଗିଲା । ଶେଷରେ ଦାସର ଅନୁନୟ ବିନତି ଗ୍ରହଣ କରି ଭାବଗ୍ରହୀ କହିଲେ ।

**ଝରିଲା ସେ ଯେଉଁ ଅମୃତ । ନାମ ତା 'ଜ୍ଞାନରସାମୃତ' ॥**
**ଆସିଲା ଏକାକ୍ଷରୁ କ୍ଷରି । ଝରିଲା କର ଅନୁସରି ॥**

ଯେଉଁ ଅମୃତ ବାମକରତଳୁ ଝରିଥିଲା ବୋଲି ପଚାରୁଛୁ, ତାହାର ନାମ 'ଜ୍ଞାନରସାମୃତ'। ସେହି ରସାମୃତ ଏକାକ୍ଷରରୁ ପ୍ରତ୍ୟକ୍ଷଭାବରେ କ୍ଷରି ସ୍ଥୂଳଶରୀରର ବାମକରତଳ ଦେଇ ନିର୍ଗତ ହୋଇଥିଲା।

**ତନ୍ମୟ ହୋଇ ଜିଜ୍ଞାସୁ ପୁନର୍ବାର ଜିଜ୍ଞାସା କଲା :**

ଏ କି ବିଚିତ୍ର କଥା କୁହ । ଏକକୁ ଦୁଇ ନାମ ଦିଅ ॥
ପୂର୍ବେ କହିଲ କୃପାନାଥ । ଶ୍ରୀକରୁ ଯେ ହୁଏ ସମ୍ଭୂତ ॥
ନାମ ତା 'ଜ୍ଞାନାମୃତ' ହୁଏ । ଏବେ କହୁଛ ତାହା ନୁହେଁ ॥
ସେହି ଶ୍ରୀକର ମକରନ୍ଦ । କୁହ ହେ ଦେବ ଆଦିକନ୍ଦ ॥
କାହିଁକି ଜ୍ଞାନରସାମୃତ । କି ରସ ଜ୍ଞାନରେ ମିଶ୍ରିତ ॥

ହେ ପ୍ରଭୁ ! ଏ କି ବିଚିତ୍ର କଥା କହୁଛନ୍ତି ! ଏକ ସ୍ଥାନରୁ ଝରୁଥିବା ବସ୍ତୁର ନାମ ଦୁଇଟି କିପରି ହେଲା ? ପୂର୍ବରୁ କହିଲେ, ଶ୍ରୀହସ୍ତ ଦେଇ ଯାହା ଆସୁଅଛି ତାହାର ନାମ ''ଜ୍ଞାନାମୃତ''। ସେହି ଶ୍ରୀକରରୁ ସମ୍ଭୂତ ମକରନ୍ଦର ନାମ ''ଜ୍ଞାନରସାମୃତ''। ଜ୍ଞାନରେ କେଉଁ ରସ ମିଶ୍ରିତ ହୋଇ ଏପରି ନାମକରଣ ହେଲା ?

**ଅନୁଗତ ମୂଢ଼ ଦାସର ଜିଜ୍ଞାସାରେ ପ୍ରୀତ ହୋଇ କରୁଣାମୟ କହିଲେ :**

ପୂର୍ବରୁ ତୋତେ ମୁଁ କହିଛି । ଅମାପ ଅମୃତ ରହିଛି ॥
ତ୍ରିଗୁଣ ସୂତ୍ରରେ ରହିଛି । ଅଶେଷ ନାମକୁ ବହିଛି ॥
ସାତ୍ତ୍ୱିକ, ରାଜସ, ତାମସ । ଯାହାର ଯେଉଁପରି ଆଶ ॥
ସତ୍ତ୍ୱରେ ସତ୍ତ୍ୱ ମିଶିଥାଏ । ସତ୍ତ୍ୱରେ ରଜ ତମ ଥାଏ ॥
ରଜରେ ସତ୍ତ୍ୱ ତମ ମିଶି । ତମରେ ସତ୍ତ୍ୱ ରଜ ଆସି ॥
ଅନେକ ଅକଳନ ନାମ । ଗୁଣସୂତ୍ରରେ ତାର କାମ ॥
ଏକବ୍ରହ୍ମ ଯେ ଦୁଇହୋଇ । ପୁରୁଷ, ପ୍ରକୃତି ବୋଲାଇ ॥
ପୁରୁଷ ଭାଗ ଭିନ୍ନ ଭାବ । ପ୍ରକୃତି ଅଙ୍ଗେ ସେ ସ୍ୱଭାବ ॥
ଉଭୟ ଅଙ୍ଗରୁ ଅମୃତ । ହେଉଛି ବିଧିରେ ସମ୍ଭୂତ ॥
ପ୍ରକୃତି ଅଙ୍ଗେ ରଜ ଥାଇ । ସ୍ଥୂଳରେ ତାହା ରସ ହୋଇ ॥
ଅବ୍ୟକ୍ତ ବ୍ରହ୍ମ ଯେତେବେଳେ । ଖେଳନ୍ତି ରହି ଏ ଭୂତଳେ ॥
ମାନବ ଅଙ୍ଗେ ବିହରନ୍ତି । ଉଭୟ ଶକ୍ତି ବହିଥାନ୍ତି ॥
ପୁରୁଷ ରୂପେ ଯେବେ ଥାନ୍ତି । ପ୍ରକୃତି ବାମେ ବିରାଜନ୍ତି ॥
ପ୍ରକୃତି ସ୍ୱରୂପ ଧରିଲେ । ପୁରୁଷ ଦକ୍ଷିଣେ ରହିଲେ ॥

| | | |
|---|---|---|
| ଦୁହେଁ ନୁହଁନ୍ତି ଭିନ୍ନ ଭିନ୍ନ | । ଏକ ବ୍ରହ୍ମ ସେ ରୂପ ଅନ୍ୟ | ॥ |
| ପ୍ରକୃତି ଭାଗୁ ଯେ ଅମୃତ | । ରଜ ରସରେ ସେ ମିଶ୍ରିତ | ॥ |
| ବ୍ରହ୍ମ ପୁରୁଷ ରୂପ ଥିଲେ | । ପ୍ରକୃତି ଅମୃତ ଝରିଲେ | ॥ |
| ଆସଇ ବାମ ଅଂଗ ଦେଇ | । ଯେଣୁ ପ୍ରକୃତି ତହିଁ ଥାଇ | ॥ |
| ତେଣୁ ତା ନାମ 'ରସାମୃତ' | । ପୁରୁଷ ଜ୍ଞାନରେ ମିଶ୍ରିତ | ॥ |
| ଏତିକି କହି କୃପାପତି | । ଧରିଲେ ମଉନ ମୂରତି | ॥ |

ଆରମ୍ଭରୁ ମୁଁ ତୋତେ କହିଛି ଯେ, ଅକଳନ ଅମୃତ ରହିଛି । ନାମ ମଧ୍ୟ ସେହିପରି ଭିନ୍ନ ଭିନ୍ନ ରହିଛି । ତ୍ରିଗୁଣ ଯଥା, ସତ୍ତ୍ୱ, ରଜ, ତମ ସୂତ୍ରରେ ଅଶେଷ ଭାବ ଓ ଭାଗରେ ଅମୃତ ଗଚ୍ଛିତ ହୋଇ ରହିଛି । ସାତ୍ତ୍ୱିକମାନେ କେବଳ ସତ୍ତ୍ୱ ଗୁଣଯୁକ୍ତ ଅମୃତ ଆକାଂକ୍ଷା କରନ୍ତି । ରଜ ଓ ତମ ଗୁଣିମାନେ ସ୍ୱସ୍ୱ ଗୁଣଯୁକ୍ତ ଅମୃତ କାମନା କରିଥାନ୍ତି । ଉଭୟ ଗୁଣର ମିଶ୍ରିତ ବ୍ୟକ୍ତିମାନେ ତାଙ୍କର ସ୍ୱଭାବ ଜନିତ ଅମୃତ ପ୍ରାପ୍ତ ହୁଅନ୍ତି । ସତ୍ତ୍ୱ-ରଜ, ସତ୍ତ୍ୱ-ତମ, ସତ୍ତ୍ୱ-ସତ୍ତ୍ୱ, ସତ୍ତ୍ୱ-ରଜ-ତମ ମିଶ୍ରିତ ଅମୃତ ଅନେକ ପୃଥକ ଶକ୍ତି ଧାରଣ କରି ବ୍ରହ୍ମରେ ବିରାଜମାନ କରିଛନ୍ତି । ତାହାକୁ ବିଶଦ ବର୍ଣ୍ଣନା କଲେ ଏକ ମହାପୁରାଣ ହୋଇଯିବ । ସେହିପରି ଏକ ବ୍ରହ୍ମ ଦୁଇ ଭାଗରେ ବିଭକ୍ତ ହୋଇଛନ୍ତି । ଯଥା:- ପୁରୁଷ ଓ ପ୍ରକୃତି । ଏହି ଉଭୟ ଭାଗର ଅମୃତ ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ । ଉପାସକର ଉପାସନା ଓ କାମନା ଅନୁଯାୟୀ ପ୍ରାପ୍ତ ହୁଏ । ପ୍ରକୃତି ଅଂଗରୁ ସମ୍ଭୁତ ଅମୃତ ରଜଗୁଣ ମିଶ୍ରିତ ହୋଇଥାଏ । ସେହି ଅମୃତ ଯେତେବେଳେ ସ୍ଥୂଳ ରୂପ ଧାରଣ କରେ ତାହା ରସଯୁକ୍ତ ହୋଇ ନିର୍ଗତ ହୁଏ । ଅବ୍ୟକ୍ତ ବ୍ରହ୍ମ ଯେତେବେଳେ ମାନବ ଅଂଗ ନେଇ ଧରାପୃଷ୍ଠରେ ଖେଳନ୍ତି, ସେତେବେଳେ ଶରୀର ଏକ ହେଲେ ମଧ୍ୟ ପ୍ରକୃତି ଓ ପୁରୁଷ ଉଭୟ ଭାବ, ଶକ୍ତିକୁ ଏକ ଅଂଗରେ ଧାରଣ କରିଥାନ୍ତି । ପୁରୁଷ ରୂପରେ ଥିଲେ ତାଙ୍କ ଶରୀରର ବାମ ଅଂଗରେ ପ୍ରକୃତି ବିରାଜମାନ କରିଥାନ୍ତି । ପ୍ରକୃତି ବା ନାରୀ ରୂପରେ ଥିଲେ ପୁରୁଷ ଦକ୍ଷିଣ ଅଙ୍ଗରେ ବିରାଜିତ ହୁଅନ୍ତି । ଏମାନଙ୍କର ଅଂଗ ଭିନ୍ନ ଭିନ୍ନ ହେଲେ ମଧ୍ୟ ବାସ୍ତବରେ ସେମାନେ ଏକ-ଅଭିନ୍ନ । କେବଳ ରୂପ ଅନ୍ୟ ହୋଇଥାଏ । ତେଣୁ ପ୍ରକୃତି ଅଂଗ ସମ୍ଭୂତ ଅମୃତ ଝରିବା ସମୟରେ ଯଦି ବ୍ରହ୍ମ ସାକାର ହୋଇ ପୁରୁଷ ରୂପରେ ଥାଆନ୍ତି, ତେବେ ସେହି ଅମୃତ ରସଯୁକ୍ତ ହୋଇ ତାଙ୍କ ବାମଅଙ୍ଗରୁ ନିର୍ଗତ ହୋଇଥାଏ, ଯେହେତୁ ପ୍ରକୃତି ଶରୀରର ବାମଭାଗରେ ହିଁ ଅଛନ୍ତି । ତେଣୁ ତା'ର ନାମ ''ରସାମୃତ'' । ପୁରୁଷ ଅଂଗ ତେଜ, ଶକ୍ତି ଓ ଜ୍ଞାନ ମିଶ୍ରିତ ହୋଇ ନିର୍ଗତ ହୋଇଥିବାରୁ ତାହା

''ଜ୍ଞାନରସାମୃତ'' । ଏତିକି କହି କୃପାପତି ମଉନ ହୋଇଗଲେ । ଶ୍ରୀପତି, କୃପାପତିଙ୍କ ଶ୍ରୀମୁଖରୁ ନିଜ ସ୍ୱୀକୃତିଯୁକ୍ତ ଅମୃତବାଣୀ ଶ୍ରବଣ କରି ଅନୁଗତ ଜଣକ ଆନନ୍ଦରେ ଅଧୀର ହୋଇଗଲା । ପୁନଃ ପୁନଃ ସ୍ତୁତି, ପ୍ରାର୍ଥନା କରିବାକୁ ଲାଗିଲା । ମୃଦୁ, ମନ୍ଦ ହସରେ ଭାବଗ୍ରାହୀ କହିଲେ, ଆଉ କିଛି ପଚାରିବାର ଅଛି ଯଦି କହ । ଆହୁରି ଆନନ୍ଦରେ ପାଗଳ ପ୍ରାୟ ହୋଇ ଦାସ କହିଲା :

**ଭୋ ଦେବ ଭାରତୀଙ୍କ ନାହା । ମୋ ପ୍ରତି ସତେ କେତେ ଦୟା ॥**
**ମନ ମୋ ବ୍ୟାକୁଳ ହେଉଛି । ଆଉ ଅଧିକ ମନାସୁଛି ॥**
**ଆଉ କି ଅମୃତ ରହିଛି । କିଛି ମୁଁ ତହିଁରୁ ଚାହୁଁଛି ॥**
**ବୁଝାଇ କୁହ ଜ୍ଞାନପତି । ସ୍ଥିର ହେଉ ମୋ ମୂଢ଼ମତି ॥**

ହେ ଭାରତୀପତି ! ମୋ ପ୍ରତି ଆପଣଙ୍କ ସତରେ କେତେ ଦୟା ? ମନ ମୋର ବହୁତ ବ୍ୟାକୁଳ ହେଉଛି । ଆଉ କିଛି ଅଧିକ ଅମୃତ ବିଷୟରେ କୁହନ୍ତୁ । ଏ ତନୁ, ମନ ସ୍ଥିର ହୋଇଯାଉ !

**ପ୍ରଭୁ କହିଲେ :**

**ଅମୃତ ରସ ଅସରନ୍ତି । ଜ୍ଞାନୀଏ କିଞ୍ଚିତ୍ ଜାଣନ୍ତି ॥**
**କେତେ ବା ବର୍ଣ୍ଣନା କରିବି । କିପରି ତୋତେ ବୁଝାଇବି ॥**
**ଯେଣୁ ତୁ ଆଶା କରିଅଛୁ । ମନରେ ଜିଜ୍ଞାସା କରିଛୁ ॥**
**ଆଉ ଗୋଟିଏ ଯେ ଅମୃତ । କହୁଛି ଶୁଣ ଦେଇ ଚିତ୍ତ ॥**
**ବ୍ରହ୍ମଙ୍କ ନାମର କୀର୍ତ୍ତନ । ଜଣାଣ, ସ୍ତୁତି ଓ ଭଜନ ॥**
**ସଦା ଭଜନ୍ତି ଯେଉଁ ଜନ । ଚିନ୍ତନ କରନ୍ତି କଥନ ॥**
**ତାହାକୁ 'ନାମାମୃତ' କହି । ଉଭୟ ଅଙ୍ଗାମୃତ ସେହି ॥**
**'ନାମାମୃତ' ଯେ ପାନ କରେ । ହ୍ଲାଦିନୀ ଶକ୍ତି ଲାଭକରେ ॥**
**ଯେ ଏହି ଶକ୍ତି ପ୍ରାପ୍ତ କରେ । ତା ପାଇଁ 'ପ୍ରେମାମୃତ' ଝରେ ॥**
**ପ୍ରେମାମୃତର ପ୍ରଭାବରେ । ସ୍ଥିର ସେ ନିତ୍ୟ ରାହାସରେ ॥**
**ଏଥର ଏତିକି ଯାଣିଥା । ମନ ଓ ହୃଦରେ ଗୁଣୁଥା ॥**
**ପରେ ଅଧିକ କହିଦେବି । ସନ୍ଦେହ ମନୁ ଫେଇଦେବି ॥**

ଆଉ ଅଧିକ ଅମୃତ ଜାଣିବାପାଇଁ ଯେଉଁ ଉତ୍ସାହ କରୁଛୁ, କେତେ କହିବି ? ତାହାତ ଅସରନ୍ତି ଭଣ୍ଡାର । ତଥାପି ଯେତେବେଳେ ଆଗ୍ର କରିଛୁ ଆଉ ଗୋଟିଏ ଅମୃତ କହି ଦେଉଛି । ବ୍ରହ୍ମଙ୍କ ନାମ ଗୁଣ କୀର୍ତ୍ତନ, ଜଣାଣ, ସ୍ତୁତି ଓ ଭଜନ ମଧ ଗୋଟିଏ ଶ୍ରେଷ୍ଠ ଅମୃତ ଅଟେ । ଏହାର ନାମ ''ନାମାମୃତ'' । ଯେଉଁ ବ୍ୟକ୍ତି ଶ୍ରଦ୍ଧା,

ପ୍ରେମରେ ସର୍ବଦା ନାମ କରୁଥାଏ, ନାମରେ ଶ୍ରଦ୍ଧା ଭକ୍ତି ରଖି ତଦନୁସାରେ ଜୀବନର ନିତ୍ୟ ନୈମିତ୍ତିକ କର୍ମଯୋଗରେ ଥାଏ, ସେ ନାମାମୃତ ପ୍ରାପ୍ତ ହୋଇ ବ୍ରହ୍ମଙ୍କର ଅତିପ୍ରିୟ ହୋଇଯାଏ । ଏହି ଅମୃତ ପ୍ରଭାବରେ ତାହାକୁ ''ହ୍ଲାଦିନୀ'' (ପ୍ରେମଶକ୍ତି) ଶକ୍ତି ପ୍ରାପ୍ତ ହୋଇଯାଏ ଏବଂ ଏହାକୁ 'ପ୍ରେମାମୃତ' କୁହାଯାଏ । ପ୍ରେମାମୃତ ପାନ କରି ସେ ବ୍ୟକ୍ତି ନିତ୍ୟରାସ ଦର୍ଶନ ପାଇଁ ଯୋଗ୍ୟହୁଏ । ଏଥରକ 'ଅମୃତ' ବିଷୟରେ ଏତିକି ଜାଣିଥା । ପରେ କେତେବେଳେ ସୁବିଧା ଦେଖି ଅବଶିଷ୍ଟ ଅଂଶ ବିଶଦ ଭାବରେ ବୁଝାଇଦେବି ।

ଆଭୂମ ପ୍ରଣାମ ନିବେଦନ କରି ଜିଜ୍ଞାସୁ ଦାସ କହିଲା :

**ଗୁହାରି ଶୁଣ ହେ ମଣିମା । ମୋ ହୃଦେ ତୁମେ ହିଁ ଚନ୍ଦ୍ରମା ॥**
**ବ୍ରହ୍ମ ଅମୃତ ପାନ କରି । କିପରି କେଉଁ ରୂପ ଧରି ॥**
**ଆଶିଷ ପ୍ରାପ୍ତ ହୁଏ ନର । ବୁଝାଇ କୁହ ପ୍ରେମାଧାର ॥**

ଅମୃତ ସମ୍ପର୍କିତ ଆଲୋଚନା ଶେଷକରି ପ୍ରଭୁ ଉଠିବାପାଇଁ ଉଦ୍ୟତ ହୁଅନ୍ତେ ଜିଜ୍ଞାସୁ ଦାସ ଶ୍ରୀଚରଣକମଳେ ପୁନଃ ପ୍ରାର୍ଥନା କରି କହିଲା, ହେ ମଣିମା ! ତୁମେ ହିଁ ମୋ ହୃଦୟର ଚନ୍ଦ୍ରମା । ତୁମ କୃପା ନ ହେଲେ ଭିତରେ ଭାବ, ଜିଜ୍ଞାସା, ପ୍ରଶ୍ନ ସୃଷ୍ଟି ହେବନାହିଁ । ତେଣୁ ମୋ ମନରେ ଯେଉଁ ବ୍ୟାକୁଳତା ଆସୁଛି, ତାକୁ ଦୂରକରି ଯାଆନ୍ତୁ । ଏହି ଯେଉଁ ଅମୃତ କଥା କହିଲେ, ତାହା ପ୍ରାପ୍ତ ହେଲେ ନର କ'ଣ ପାଏ ? କେଉଁ ଶକ୍ତି ଆଶିଷ ତା ନିକଟକୁ ଆସେ ? କରୁଣା କରି କୁହନ୍ତୁ ।

ବିନତି ରକ୍ଷାକରି ପ୍ରଭୁ କହିଲେ :

**ଅମୃତ ପ୍ରାପ୍ତି ଯାର ହୁଏ । ସେ ଭୂମା ବିଭୂତିକୁ ପାଏ ॥**
**ଭୂମା ବିଭୂତି ଗୁଣ କର୍ମ । ବ୍ରହ୍ମ ଆଶିଷ ସାରମର୍ମ ॥**
**କହି ମୁଁ ଥିଲି ପୂର୍ବଯୋଗେ । ଭୂମା ବିଭୂତି ମହାଯଜ୍ଞେ ॥**
**ଭୂମାଙ୍କ ବାଆସ୍ତରୀ ଅଂଶ । ସେଥିରେ ବିଭୂତି ଅଶେଷ ॥**
**ସେଥିରୁ ତେଇଶି ବିକାଶ । କରିଣଥିଲି ମୁଁ ପ୍ରକାଶ ॥**
**ଆଜି କହୁଛି ଆଉ କିଛି । ଯେଣୁ ତୁ ମନେ ଅଛୁ ଇଚ୍ଛି ॥**

## ୨୪. ଶର୍ବରୀ ଭୂମା

**ଶର୍ବରୀ ନାମେ ଏକ ଭୂମା । ଆମ୍ଭ ରୋପଣେ ଅନୁପମା ॥**
**ହିରଣ୍ୟ ମଣ୍ଡଳରେ ଥାଏ । ଧବଳ ଜ୍ୟୋତି ବର୍ଣ୍ଣ ନିଏ ॥**
**ସୋରିଷ କଣା ପରି ଦୃଶ୍ୟ । ଜ୍ଞାନୀଏ ଜାଣନ୍ତି ରହସ୍ୟ ॥**

| | | | |
|---|---|---|---|
| ଜୀବର ଜନନୀ ଜଠର | । | ଆତ୍ମାର ନିରୂପଣ ଦ୍ୱାର | ।। |
| ଚଉରାଅଶି ଲକ୍ଷ ଯୋନି | । | ଭ୍ରମଣ କରେ କର୍ମ ଘେନି | ।। |
| ବ୍ରହ୍ମ ଆଦେଶେ ଏହି ଭୂମା | । | ଯୋନି ଭ୍ରମଣେ ପୂର୍ଣ୍ଣକାମା | ।। |
| ରହି ସେ ସାକ୍ଷୀର ରୂପରେ | । | କଳେବରକୁ ବୃଦ୍ଧିକରେ | ।। |

ଜୀବ ଅମୃତ ପ୍ରାପ୍ତି ହେଲେ ଭୂମାଙ୍କ ନିକଟବର୍ତ୍ତୀ ହୁଏ ଓ ଅମୃତର ବ୍ୟାପକତା ଅନୁସାରେ ଭୂମା ବିଭୂତି ପ୍ରାପ୍ତ ହୁଏ । ଭୂମା ବିଭୂତି ସଂପର୍କରେ ଏହା ପୂର୍ବରୁ ହୋଇଥିବା ଭୂମା ବିଭୂତି ମହାଯଜ୍ଞ ରହସ୍ୟରେ କହିଥିଲି । ଭୂମାଙ୍କର ମୋଟ ୭୨ (ବାଆସ୍ତରୀ) ଅଂଶ ଓ ଅଶେଷ ବିଭୂତି ଅଛି । ସେହି ୭୨ ଅଂଶରୁ ଗତଥର ୨୩ (ତେଇଶି) ଅଂଶ କହିଥିଲି । ଏଥରକ ଆଉ କିଛି କହୁଛି-ମନଦେଇ ଶୁଣ-

''ଶର୍ବରୀ'' ନାମକ ଏକ ଭୂମା-ହିରଣ୍ୟ ମଣ୍ଡଳରେ ସୋରିଷ କଣାପରି ଧବଳ ବର୍ଣ୍ଣର ଜ୍ୟୋତିରେ ଉଦ୍‌ଭାସିତ ହୋଇରହିଥାଏ । ଜୀବ ଜନନୀ ଜଠର ମାଧ୍ୟମରେ ନିଜର କର୍ମପ୍ରବାହ ପ୍ରଭାବରେ ୮୪ (ଚଉରାଅଶି) ଲକ୍ଷ ଯୋନି ଭ୍ରମଣ କରିଥାଏ । ଏହି ଶର୍ବରୀ ଭୂମା ବ୍ରହ୍ମଙ୍କ ଆଜ୍ଞା ବହନ କରି ଜୀବର ଏହି ଯୋନିଭ୍ରମଣ କାଳରେ ସାକ୍ଷୀରୂପେ ରହି କର୍ମାନୁସାରେ ଜୀବର କଳେବର ବର୍ଦ୍ଧିତ କରାଏ ।

## ୨୫. ଆଶ୍ରାରୀ ଭୂମା

| | | | |
|---|---|---|---|
| ଏହି ଭୂମାଙ୍କ ବିଭୂତିରେ | । | ଜୀବ ପ୍ରାରବ୍ଧ ଭୋଗ କରେ | ।। |
| ପରମାତ୍ମାଙ୍କ ଅଂଶ ଆତ୍ମା | । | ଯେବେଳେ ବିଜେନ୍ଦ୍ରିୟ ନାମା | ।। |
| ବୃତ୍ତିକୁ ଧାରଣ କରଇ | । | ସେବେଳେ ନୀଳବର୍ଣ୍ଣ ହୋଇ | ।। |
| ସେହି ସମୟେ ଜୀବାତ୍ମାର | । | ପ୍ରକୃତିସ୍ଥ ସୂକ୍ଷ୍ମ ଭାବର | ।। |
| ସୂକ୍ଷ୍ମକ୍ରିୟା ଧାରଣ କରି | । | ଚଳନ ସୂତ୍ର ଅନୁସରି | ।। |
| ଅକଳନ 'ଆତ୍ମା'ର କ୍ରମ | । | ବିକାଶେ ନ ହୁଅଇଟି ଭ୍ରମ | ।। |
| ହରିଦ୍ରାବର୍ଣ୍ଣ ଜ୍ୟୋତି ନେଇ | । | ପରସ୍ପରଙ୍କୁ ଥାନ୍ତି ଚାହିଁ | ।। |
| ମୋହିତ ଦଣ୍ଡ ଚଳନରେ | । | ପ୍ରାରବ୍ଧ କର୍ମ ଭୋଗକରେ | ।। |
| ଭୂମାଙ୍କ ସୂକ୍ଷ୍ମ କ୍ରିୟା ଦ୍ୱାରା | । | ପିଣ୍ଡ ପୁରୁଷ ଭୋଗ ଦ୍ୱାରା | ।। |
| ଏ ଆତ୍ମା ଗ୍ରହ ଓ ନକ୍ଷତ୍ର | । | ସୀମାରେ ହୋଇ ଛିନିଛତ୍ର | ।। |
| ଭୋଗନ୍ତି ନିଜ କର୍ମଫଳ | । | ଜ୍ଞାନୀଙ୍କୁ ଦିଶେ ଜଳଜଳ | ।। |

ପରମାତ୍ମାଙ୍କଠାରୁ ଅଂଶୀୟ ଆତ୍ମା ଯେତେବେଳେ ବିଜେନ୍ଦ୍ରିୟର ବୃତ୍ତି ଧାରଣ କରି ନୀଳବର୍ଣ୍ଣ ହୋଇଯାଏ, ସେତେବେଳେ ଜୀବାତ୍ମା ତା'ର ଭାବର ସୂକ୍ଷ୍ମ ପ୍ରକୃତିସ୍ଥ ସୂକ୍ଷ୍ମ କ୍ରିୟା ଧାରଣ କରିଥାଏ । ଏହି ସୂକ୍ଷ୍ମ କାର୍ଯ୍ୟର ଚଳନ ସୂତ୍ରଦ୍ୱାରା ଅକଳନ

''ଆତ୍ମା'' କ୍ରମବିକାଶ ହୋଇ ହରିଦ୍ରାବର୍ଣ୍ଣ ଧାରଣ କରି ପରସ୍ପରର (ଅକଳନ ଆତ୍ମା ଓ ଜୀବାତ୍ମା) ଗତିପଥକୁ ଲୟ ଓ ନିୟନ୍ତ୍ରଣ କରୁଥାନ୍ତି । ଆଶ୍ରାରୀ ଭୂମାଙ୍କ ସୂକ୍ଷ୍ମକ୍ରିୟା ସାହାଯ୍ୟରେ ମୋହିତ ଦଣ୍ଡ ଚଳନ ଓ ପିଣ୍ଡପୁରୁଷ ଭୋଗ ଦ୍ୱାରା ଏହି ଆତ୍ମା ପ୍ରାରବ୍ଧ କର୍ମ ଭୋଗ କରିବା ପାଇଁ କ୍ରମାନୁସାରେ ସେହି ସେହି ଗ୍ରହ, ନକ୍ଷତ୍ର ଆଡ଼କୁ ଖଞ୍ଜି ହୋଇଯାଆନ୍ତି ।

## ୨୬. ଶୃବନ୍ଧିତା ଭୂମା

| | | |
|---|---|---|
| ଭୂମାଙ୍କ ଏହି ମଣ୍ଡଳରେ | । ଯେ ଆତ୍ମା ନିତ୍ୟ ବାସ କରେ | ।। |
| ପ୍ରାରବ୍ଧ ପାପ, ପୂଣ୍ୟ ଫଳେ | । ଧୂସର ବର୍ଣ୍ଣନେଇ ଚଳେ | ।। |
| ପିଣ୍ଡ ଧାରଣ କରି ଥାନ୍ତି | । ଆତ୍ମାରେ ଯୁକ୍ତ ଦିଶୁଥାନ୍ତି | ।। |
| ପୁଣି ବିଚ୍ଛେଦ କର୍ମ କରି | । କର୍ମ ବନ୍ଧନେ ଅପସରି | ।। |
| ସାରୁ ପତ୍ରରେ ପାଣି ପରି | । ଯାଆନ୍ତି କାର୍ଯ୍ୟକର୍ମ କରି | ।। |
| କର୍ମାନୁସାରେ ନର୍କ ଭାଗ | । କରନ୍ତି ସୂକ୍ଷ୍ମେ ରହି ଭୋଗ | ।। |
| ପରଂବ୍ରହ୍ମଙ୍କର ଭୂମାରୂପ | । ଆଜ୍ଞାରେ ନିଅନ୍ତି ସ୍ୱରୂପ | ।। |
| ଏବେଳେ ଏହି ସୂକ୍ଷ୍ମାଦେଶ | । ଧବଳ ଜ୍ୟୋତିରେ ପ୍ରବେଶ | ।। |

ଏହି ଶୃବନ୍ଧିତା ଭୂମାଙ୍କ ମଣ୍ଡଳରେ ଆତ୍ମା ପିଣ୍ଡ (ସୂକ୍ଷ୍ମ) ଗ୍ରହଣକରି ନିଜର ପାପ, ପୂଣ୍ୟ କର୍ମ ପ୍ରମାଣରେ ଯୋଗ ହୋଇ ରହିଥାନ୍ତି । ଏମାନେ ଧୂସର ବର୍ଣ୍ଣ ଧାରଣ କରି ଆତ୍ମା ସହିତ ଯୋଗ ହେଲା ଭଳି ଦେଖାଯାଆନ୍ତି । ପୁଣି ବିଚ୍ଛେଦର କାର୍ଯ୍ୟ, କର୍ମ କରି ଚାଲିଥାନ୍ତି । ଠିକ୍ ଯେପରି ସାରୁ ପତ୍ରରେ ପାଣି ଥିଲେ ମଧ ପାଣି ପତ୍ରରେ ଲାଗେନାହିଁ । ପ୍ରତ୍ୟେକଟି ନର୍କରେ ଭାଗ ଓ ଭୋଗ କରୁଥାଆନ୍ତି । ପରଂବ୍ରହ୍ମଙ୍କ ଭୂମାରୂପ ଧାରଣରେ ତାଙ୍କର ଆଜ୍ଞା ସୂକ୍ଷ୍ମରେ ଏହି କାର୍ଯ୍ୟ କରି କରାଇଚାଲିଥାଏ । ଏହି ଆଜ୍ଞାର ସୂକ୍ଷ୍ମାଦି ରୂପ ଧବଳ ବର୍ଣ୍ଣ ହୋଇଥାଏ ।

## ୨୭. ବର୍ଦ୍ଧନୀ ଭୂମା

| | | |
|---|---|---|
| ଏହି ଭୂମାଙ୍କ ସୂକ୍ଷ୍ମ କ୍ରିୟା | । ପିଣ୍ଡେ ବ୍ରହ୍ମାଣ୍ଡେ ରଖେ କାୟା | ।। |
| ପିଣ୍ଡରେ ଧୂସର ରଙ୍ଗରେ | । ଗୈରୀକ ରୂପେ ବ୍ରହ୍ମାଣ୍ଡରେ | ।। |
| ପିଣ୍ଡ ନାଦଗର୍ଦ୍ଦଣ କୋଷ | । ଏହାର ସର୍ବ ସ୍ନାୟୁ ଅଂଶ | ।। |
| ନିଜ ଆୟତ୍ତେ ରଖିଥାନ୍ତି | । ବ୍ରହ୍ମଙ୍କ ଆଜ୍ଞାରେ ଚଳାନ୍ତି | ।। |
| ପିଣ୍ଡରେ ହୁଅନ୍ତି ରକ୍ଷକ | । ପୁନଶ୍ଚ ସାଜନ୍ତି ଭକ୍ଷକ | ।। |
| ମୋହ ବେଗକୁ ବୃଦ୍ଧି କରି | । ଜୀବକୁ ଆଚ୍ଛାଦନ କରି | ।। |

ଜୀବର ଭାବ ଅନୁସାରେ । କ୍ଷତି ସେ ଘଟାନ୍ତି ପିଣ୍ଡରେ ॥

ଏହି ଭୂମା ପିଣ୍ଡ ଓ ବ୍ରହ୍ମାଣ୍ଡ ଉଭୟରେ କ୍ରିୟାଶୀଳ ହୁଅନ୍ତି । ପିଣ୍ଡରେ ଥିବା ବେଳେ ଧୂସର ରଙ୍ଗ ଓ ବ୍ରହ୍ମାଣ୍ଡରେ ଗୈରୀକ ବର୍ଣ୍ଣରେ ରହିଥାନ୍ତି । ପିଣ୍ଡ ମଧ୍ୟରେ ଥିବା ନାଦଗର୍ଦ୍ଧଣ କୋଷର ସମସ୍ତ ସ୍ନାୟୁକୁ ସଂପୂର୍ଣ୍ଣ ଭାବରେ ନିଜ ଆୟତ୍ତରେ ରଖନ୍ତି ଓ ରକ୍ଷକ, ଭକ୍ଷକ ଉଭୟ ଭାବରେ କର୍ମ ଚାଳନା କରନ୍ତି । ଜୀବର ମୋହ ବୃଦ୍ଧି କରାଇ ଦିଅନ୍ତି ଏବଂ ଭାବ ଅନୁସାରେ ଅନେକ କ୍ଷତି କରାଇଦିଅନ୍ତି ।

## ୨୮. ରଂତୁବାକ୍ଷ ଭୂମା

ଏ ଭୂମା ବ୍ରହ୍ମାଣ୍ଡ ଚକ୍ରରେ । କ୍ଷୁଦ୍ର ପକ୍ଷୀର ଆକାରରେ ॥
ନାଲି ବର୍ଣ୍ଣର ଜ୍ୟୋତି ନେଇ । ସବୁରଙ୍ଗର ମୂଳ ହୋଇ ॥
ରଙ୍ଗ ଧାରଣ ଶକତିରେ । ଘୁରୁଣ ଥାଏ ବ୍ରହ୍ମାଣ୍ଡରେ ॥
ପିଣ୍ଡରେ ଗତିଶୀଳ ହୋଇ । ଜୀବର ଐଶ୍ୱର୍ଯ୍ୟକୁ ଦେଇ ॥
ଐଶ୍ୱର୍ଯ୍ୟ ନୂଆ କର୍ମ ପଥ । ସେ ପଥ ଗୁପ୍ତ ଗତି ସୂତ୍ର ॥
ନିଜ ଇଚ୍ଛାରେ ବଦଳାଇ । ଜୀବ ତା ଜାଣି ନ ପାରଇ ॥
ବ୍ରହ୍ମ ଆଜ୍ଞାରେ ସଦା ରୁହେ । ସ୍ୱପଥ ବେଳେ ଛାଡ଼ିଦିଏ ॥
କର୍ମଫଳର ଭୋଗ ଚକ୍ର । ବ୍ରହ୍ମଆଜ୍ଞାରେ କରି ସୂତ୍ର ॥
ଐଶ୍ୱର୍ଯ୍ୟ ଆଦି ବଦଳାଏ । ନିଜସ୍ଥିତିକୁ ନେଇଯାଏ ॥
ଯେବେଳେ ପରିବରତନ । ସମୟ ହୁଏ ଉତପନ୍ନ ॥
ବିଛାର ଆକୃତିକୁ ଧରି । ନାଦ ଗର୍ଦ୍ଧଣେ ଅବତରୀ ॥
ପିଣ୍ଡରେ ତିନି ଯେ ପୁରୁଷ । କ୍ରମରେ ହୋଇଗଲେ ଶେଷ ॥
ଜ୍ୟୋତିର ରଙ୍ଗ ବଦଳାଏ । ନାଲିରୁ ନୀଳବର୍ଣ୍ଣ ହୁଏ ॥

ଏହି ଭୂମାଶକ୍ତି ବ୍ରହ୍ମାଣ୍ଡ ଚକ୍ରରେ କ୍ଷୁଦ୍ର ପକ୍ଷୀ ଭଳି ଆକାର ଧାରଣ କରି ଘୁରୁଥାଏ । ସୃଷ୍ଟିର ସମସ୍ତ ରଙ୍ଗର ଶକ୍ତିକୁ ଧାରଣ କରି ଆବଶ୍ୟକ ସ୍ଥଳକୁ ପ୍ରେରଣ କରୁଥାଏ । ସମସ୍ତ ପିଣ୍ଡରେ ଏହା ଗତିଶୀଳ ହୋଇ ଜୀବ ଐଶ୍ୱର୍ଯ୍ୟରେ ନୂତନ କର୍ମ ପନ୍ଥାର ଗତିସୂତ୍ର ବଦଳାଇ ଦିଏ । ବେଳେ ବେଳେ ବ୍ରହ୍ମାଜ୍ଞାରେ ଜୀବ କର୍ମର ଭୋଗଫଳ ଅନୁଯାୟୀ ସ୍ଥିତି ଅବସ୍ଥାକୁ ଫେରିଯାଏ । ଏହି ଅବସ୍ଥା ପରିବର୍ତ୍ତନ ସମୟରେ ପିଣ୍ଡରେ ଥିବା ନାଦଗର୍ଦ୍ଧଣ କୋଷ ସୂକ୍ଷ୍ମରେ 'ବିଛା' ଆକୃତି ଧାରଣ କରିଥାଏ । ପିଣ୍ଡରେ ତିନିପୁରୁଷ ଭୋଗ ହେବାପରେ ଏହି ଭୂମା ନାଲି ବର୍ଣ୍ଣ ପରିବର୍ତ୍ତନ କରି ନୀଳବର୍ଣ୍ଣ ଧାରଣ କରେ ।

ଏତିକି କହି ରଙ୍ଗାଧର ! କହିଲେ ଶୁଣ ପ୍ରିୟ ମୋର ॥
ଏ ଯେଉଁ ଭୂମାଙ୍କର ଅଂଶ ! ଏଥିରେ ନ ହୋଇବ ଶେଷ ॥
ଏଥର ଏତିକିରେ ଥାଉ ! ଭବିଷ୍ୟେ କହିଦେବି ଆଉ ॥

ଶ୍ରୀରଙ୍ଗାଅଧର ଏତିକି କହି କହିଲେ, ଏ ସଂଖ୍ୟାରେ ଭୂମାଅଂଶ ସଂପୂର୍ଣ୍ଣ ହୋଇପାରିବ ନାହିଁ । ତେଣୁ ଏଥରକ ଏହିଠାରେ ଥାଉ । ଅବଶିଷ୍ଟାଂଶ ଭବିଷ୍ୟତରେ କହିଦେବି । ଏହାଶୁଣି ଜିଜ୍ଞାସୁ ଦାସ ଅଳିକଲା ।

ତୁମରି ଇଚ୍ଛା ପୂର୍ଣ୍ଣ ହେଉ । ଏକଥା ଏହିଠାରେ ଥାଉ ॥
ଶେଷରେ ଆଉ ଏକ ଅଳି । ଦିଅ ହେ ନାଥ କୃପାଞ୍ଜଳି ॥
ସମ୍ବଲପୁର ରେଙ୍ଗଲୋଇ । କି ଭାବେ ପ୍ରସିଦ୍ଧ ଅଟଇ ॥
କେଉଁ କାରଣେ ଏହି ଯାଗ । କରାଉଅଛ ମହାଭାଗ ॥
ଦିଅନ୍ତୁ ସେ ଅଧରାମୃତ । ମୁକତି ଲଭନ୍ତୁ ପତିତ ॥

ହେ ପ୍ରଭୁ ! ଆପଣଙ୍କ ଇଚ୍ଛା ପୂର୍ଣ୍ଣ ହେଉ । ଏକଥା ଏହିଠାରେ ଥାଉ । ଆଉ ଗୋଟିଏ ଅଳି ଶ୍ରୀଚରଣରେ କରୁଛୁ । ସମ୍ବଲପୁରର ଏହି ରେଙ୍ଗଲୋଇଠାରେ ଏ ଯଜ୍ଞ କରାଇବାର କାରଣ କ'ଣ ? ତାହାରି ରହସ୍ୟ ରୂପକ କୃପାଞ୍ଜଳି ଦେଇ ଆମକୁ ଧନ୍ୟ କରାନ୍ତୁ ।

ମହାପ୍ରଭୁ କହିଲେ :

ସତ୍ୟଯୁଗରୁ ତା କାରଣ । ଜାଣନ୍ତି ଯୋଗୀ ଋଷି ଗଣ ॥
'ସ୍ତୁତିନନ୍ଦ' ନାମକ ଋଷି । ତପସ୍ୟା କରୁଥିଲେ ବସି ॥
ପିତାଙ୍କ ନାମ ବ୍ୟୋମୋକେଶ । 'ତୟାଦ୍ରୁମା'ଙ୍କର ସେ ଈଶ ॥
ଗୁରୁ ଅଟନ୍ତି 'ଜୟଦେବ' । ନରଅଙ୍ଗେ ସାକ୍ଷାତ ଦେବ ॥
ସାଧନା ଥିଲା 'ଏକାକ୍ଷର' । ଭୂମା ବ୍ରହ୍ମଙ୍କ ପାଦ ସାର ॥
କଠୋର ତପ ଏକାଗ୍ରତା । ଗୁରୁଙ୍କ କୃପା ସରସତା ॥
ସୋପାନ ପରକୁ ସୋପାନ । ସହଜେ କଲେ ଅତିକ୍ରମ ॥
ଶୂନ୍ୟରୁ ଶୂନ୍ୟବାଣୀ ହେଲା । ଯଜ୍ଞର ନିର୍ଦ୍ଦେଶ ଆସିଲା ॥
ସେ ବ୍ରହ୍ମ ଏକାକ୍ଷର ଯଜ୍ଞ । କରିଲେ ସେହି ବ୍ରହ୍ମବିଜ୍ଞ ॥
ଯଜ୍ଞରୁ ଜ୍ୟୋତି ଏକାକ୍ଷର । ଅକ୍ଷରୁ ହୋଇଗଲେ କ୍ଷର ॥
ଦର୍ଶନ କରି ବ୍ରହ୍ମଜ୍ଞାନୀ । ହେଲେ ସେ 'ସ୍ତୁତିନନ୍ଦ' ମାନୀ ॥

ସତ୍ୟଯୁଗର 'ସ୍ତୁତିନନ୍ଦ' ନାମରେ ଜଣେ ଋଷି ଥିଲେ । ତାଙ୍କ ପିତାଙ୍କ ନାମ ''ବ୍ୟୋମୋକେଶ'' ଓ ମାତାଙ୍କ ନାମ ''ତୟାଦ୍ରୁମା'' । ଗୁରୁଙ୍କ ନାମ ବ୍ରହ୍ମର୍ଷି

''ଜୟଦେବ ମହାରାଜ'' । ପିତୃ ଆଶୀର୍ବାଦ ଓ ଗୁରୁକୃପା ବଳରେ ସେ ''ଏକାକ୍ଷର'' ସାଧନ କରୁଥିଲେ । କ୍ରମାନୁଯାୟୀ ସୋପାନ ପରେ ସୋପାନ ଅତିକ୍ରମ କରୁଥିବା ସମୟରେ ଶୂନ୍ୟବାଣୀ ପ୍ରାପ୍ତ ହେଲା ''ବ୍ରହ୍ମ ଏକାକ୍ଷର ଯଜ୍ଞ'' କରିବାପାଇଁ । ଆଜ୍ଞାନୁସାରେ ସେ ଏହିଠାରେ ''ବ୍ରହ୍ମ ଏକାକ୍ଷର ଯଜ୍ଞ'' କରାଇ ଯଜ୍ଞପୁରୁଷ ଭାବରେ ''ଏକାକ୍ଷର ବ୍ରହ୍ମ''ଙ୍କୁ ଦର୍ଶନ କରି ଜୀବନ୍ମୁକ୍ତ ହୋଇଥିଲେ ।

**ପୂର୍ବ ଜନମ ସିଦ୍ଧିବଳେ । ତ୍ରେତୟା ଯୁଗ ଅନ୍ତକାଳେ ॥**
**ସେ ଋଷି ଖସିଲେ ଭୂତଳେ । 'କୁନ୍ତଳଦ' ଓ 'ଶୁଭ୍ରା' କୋଳେ ॥**
**ନାମ ହୋଇଲା 'ଅଭଦୟ' । 'ସୃଜନାନନ୍ଦ'ଙ୍କ ଅଭୟ ॥**
**ଯୁଗ ଲୀଳାର ଆଧାରରେ । ବୁଡ଼ିଲେ ମୁନି ତପସ୍ୟାରେ ॥**
**ସିଦ୍ଧ ଯାଜ୍ଞିକ ଥିଲେ ସେହି । ବ୍ରହ୍ମ ଆଜ୍ଞାକୁ ଶିରେ ନେଇ ॥**
**''ରାମ ତାରକ ଶାନ୍ତି ଯଜ୍ଞ'' । କରିଲେ ଏଠି ସେ ସର୍ବଜ୍ଞ ॥**
**ଘେନିଲେ 'ତାରକ'ର ସିଦ୍ଧି । ସୂକ୍ଷ୍ମରେ ଥାପିଲେ ସେ ବିଧି ॥**

ସତ୍ୟଯୁଗର ବ୍ରହ୍ମଦର୍ଶନ ପ୍ରଭାବରେ ଜାତସ୍ମର, ଯୋଗସିଦ୍ଧ ସେହି ବ୍ରହ୍ମର୍ଷି ''ସ୍ତୁତିନନ୍ଦ'', ତ୍ରେତୟାର ଅନ୍ତକାଳରେ ତ୍ରେତୟା ମର୍ଯ୍ୟାଦାପୁରୁଷ ଶ୍ରୀରାମଙ୍କର ଲୀଳାସୂତ୍ର ଭେଦ ପୂର୍ବକ ଲୀଳା ଆସ୍ୱାଦନ ପାଇଁ ବ୍ରହ୍ମାଜ୍ଞା ଓ ସ୍ୱଇଚ୍ଛା ମିଶ୍ରଣରେ ପୁନଶ୍ଚ ମାନବ ଅଂଗ ନେଇ ଆସିଲେ । ଏହି ସ୍ଥାନରେ ସଦାଚାରୀ, ବ୍ରହ୍ମପ୍ରିୟ ଗୃହସ୍ଥାଶ୍ରମ ସିଦ୍ଧ ଦମ୍ପତି ପିତା 'କୁନ୍ତଳଦ' ଓ ମାତା 'ଶୁଭ୍ରା'ଙ୍କ କୋଳରେ ଜନ୍ମ ନେଲେ । ନାମକରଣ ହେଲା ''ଅଭଦୟ'' । ବ୍ରହ୍ମର୍ଷି ''ସୃଜୟାନନ୍ଦ''ଙ୍କୁ ଗୁରୁ ଭାବରେ ଗ୍ରହଣ କରି ସୀତାରାମ ସୂକ୍ଷ୍ମ ରୂପ ପାଇଁ ତପସ୍ୟା କଲେ । ସେ ପ୍ରଥମରୁ ହିଁ ଯଜ୍ଞସିଦ୍ଧ ଥିଲେ । ତେଣୁ ଶ୍ରୀଗୁରୁଙ୍କ ମାଧ୍ୟମରେ ''ରାମତାରକ ଶାନ୍ତି ଯଜ୍ଞ'' କରିବା ପାଇଁ ବ୍ରହ୍ମଙ୍କ ଆଦେଶ ଆସିଲା । ସେହି ଅନୁସାରେ ସେ ଏହି ସ୍ଥାନରେ ରାମତାରକ ଶାନ୍ତି ଯଜ୍ଞ କରି ତାରକ ସିଦ୍ଧ ହେଲେ ।

**ଦ୍ୱାପରେ ''ଅମୃତ୍ତି'' ହୋଇ । ପୁନଶ୍ଚ ଆସିଲେ ଓହ୍ଲାଇ ॥**
**ପୂର୍ବ ଜନମ ଏହି ସ୍ଥାନ । ଆସିଲେ ଖସି ତପୋଧନ ॥**
**ପିତାଙ୍କ ନାମ ''ଶମ୍ଭୁଜୟ'' । ''ଶ୍ରାବଣୀ'' ମାତାଙ୍କ ଅଭୟ ॥**
**ଶ୍ରୀଗୁରୁ ''ମତ୍ତଧ୍ୱଜ'' ଋଷି । ବ୍ରହ୍ମମଣ୍ଡଳେ ନିତ୍ୟ ବାସୀ ॥**
**ସାଧନ କ୍ରମ ଧରି ଯୋଗୀ । ନିତ୍ୟରାହାସ ଅନୁରାଗୀ ॥**
**ହୋଇଲା ଗୁରୁଙ୍କ ଆଦେଶ । ଏ ଯୁଗ ଯଜ୍ଞ କର ଶେଷ ॥**
**ସେ ''ବିଶ୍ୱ ବିରାଟ ପୁରୁଷ । ଯଜ୍ଞ''କୁ କରରେ ତୁ ଆଶ ॥**

| | | |
|---|---|---|
| ଗୁରୁ ଆଜ୍ଞାକୁ ଶିରେ ନେଇ | । ଯଜ୍ଞ କରିଲେ ତପ ସାଇଁ | ।। |
| ଯଜ୍ଞ ଶେଷହେର ପରଂବ୍ରହ୍ମ | । ହୋଇଲେ ଅତ୍ୟନ୍ତ ପ୍ରସନ୍ନ | ।। |
| ବିରାଟ ପୁରୁଷ ରୂପରେ | । ବ୍ରହ୍ମ ଜ୍ୟୋତିର ସହିତରେ | ।। |
| ହୋଇଲେ ଆବିର୍ଭାବ ଏଠି | । ସୂକ୍ଷ୍ମରେ ରହି ପରମେଷ୍ଠି | ।। |
| 'କଳି'ର ପାଇଁ ବର ଦେଲେ | । ବ୍ରହ୍ମ ଅମୃତ ପଥ ଦେଲେ | ।। |

ଦ୍ୱାପର ଯୁଗରେ ସେହି ବ୍ରହ୍ମର୍ଷି ପୂର୍ବର ଜନ୍ମ ଓ ସାଧନ ସିଦ୍ଧି ସ୍ଥଳକୁ ସ୍ମରଣକୁ ଆଣି ଏହି ସ୍ଥାନକୁ ପୂନର୍ବାର ଆସିବାକୁ ଇଚ୍ଛାକଲେ । ଇଚ୍ଛାନୁସାରେ ସେ ସମୟରେ ଏଠାରେ ଥିବା ଏକ ନାରାୟଣ ପ୍ରେମୀ ଦମ୍ପତି ପିତା ''ଶମ୍ଭୁଜୟ'' ଓ ମାତା ''ଶ୍ରାବଣୀ''ଙ୍କ କୋଳରେ ଭୂମିଷ୍ଠ ହେଲେ ଓ ''ଅମୃତ୍ବତ୍ତି'' ନାମରେ ପରିଚିତ ହେଲେ । ନିତ୍ୟରାହାସ ସିଦ୍ଧ ବ୍ରହ୍ମର୍ଷି ''ମତ୍ତଧ୍ୱଜ''ଙ୍କୁ ଗୁରୁରୂପରେ ବରଣ କଲେ । ଶ୍ରୀଗୁରୁ ଦ୍ୱାପରଯୁଗର ଶ୍ରେଷ୍ଠ ବ୍ରହ୍ମଯଜ୍ଞ ''ବିଶ୍ୱ ବିରାଟ ପୁରୁଷ ଯଜ୍ଞ'' କରିବାପାଇଁ ନିର୍ଦ୍ଦେଶ ଦେଲେ । ଗୁରୁ ଆଜ୍ଞାକୁ ପାଳନ କରି ଋଷିପ୍ରବର ସେହି ଯଜ୍ଞାନୁଷ୍ଠାନ କଲେ । ଯଜ୍ଞ ଶେଷରେ ପରଂବ୍ରହ୍ମ ଅତ୍ୟନ୍ତ ପ୍ରୀତ ହୋଇ ଜ୍ୟୋତିଃ ସହ ''ବିଶ୍ୱ ବିରାଟ ପୁରୁଷ'' ରୂପ ଦର୍ଶନ ଦେଲେ ଓ କଳିରେ ପୁନଶ୍ଚ ଏଠାକୁ ଆସିବାକୁ ନିର୍ଦ୍ଦେଶ ଦେଲେ । ଭକ୍ତର ଇଚ୍ଛାରେ ସେହି ସ୍ଥାନରେ ପରଂବ୍ରହ୍ମଙ୍କ ବିଶ୍ୱବିରାଟ ପୁରୁଷ ସତ୍ତା ସୂକ୍ଷ୍ମ ଭାବରେ ଏହିଠାରେ ସେହିଦିନୁ ହିଁ ଶୂନ୍ୟରେ ରହିଅଛି ।

| | | |
|---|---|---|
| ଦ୍ୱାପର ଆଜ୍ଞା ଅନୁସରି | । କଳି ଆରମ୍ଭେ ଅବତରୀ | ।। |
| 'ଦୌତ୍ରେୟ' ନାମେ ପରିଚିତ | । 'ଦୃତ୍ତିକା' ହେଲେ ତାଙ୍କ ମାତ | ।। |
| ପିତା ଯେ ସନ୍ଥ 'ଦ୍ୱିତ ଧ୍ୱଜ' | । ହୃଦୟରେ ସଦା ସ୍ଥିତ ବ୍ରଜ | ।। |
| 'ରୌଦ୍ରବନ୍ତ'ଙ୍କୁ ଗୁରୁକଲେ | । ଆଜ୍ଞାକୁ ଅପେକ୍ଷା କରିଲେ | ।। |
| କଳିର ଆଗାମୀ ପ୍ରଭାବ | । ଜାଣି ପାଇଲେ ପରାଭବ | ।। |
| ଜୀବର ଚେତନା ହଜିବ | । ବ୍ରହ୍ମଙ୍କ ଚିନ୍ତା ଲୁଚିଯିବ | ।। |
| ଗୁରୁଙ୍କୁ ପୁଚ୍ଛାକଲେ ଯାଇ | । ଦିଅନ୍ତୁ ଉପାୟ ବତାଇ | ।। |
| ଶ୍ରୀଗୁରୁ କହିଲେ ସନ୍ତୋଷେ | । ବ୍ରହ୍ମ ଅମୃତ ଶ୍ରେଷ୍ଠ ରସେ | ।। |
| ତୋ ଇଚ୍ଛା ହୋଇବ ପୂରଣ | । ଆଚର ତପ ମୁନିରାଣ | ।। |
| ମନ୍ତ୍ରର ଚୈତନ୍ୟ ମଣ୍ଡଳ | । 'ରଙ୍ଗେୟୋ' ନାମ ପ୍ରେମଜଳ | ।। |
| ସେହି ମଣ୍ଡଳ ଭେଦକଲେ | । ଅମୃତେ ସ୍ଥିତି ହେବ ଭଲେ | ।। |

'ଅମୃତ' ପ୍ରାପ୍ତ କଲା ପରେ । 'ଭୂମା'ଙ୍କୁ ଚିନ୍ତିବୁ ହୃଦରେ ॥
'ଭୂମା' ବିଭୂତି ପ୍ରାପ୍ତ ହେବୁ , ଜୀବ କଲ୍ୟାଣେ ଉତ୍ସର୍ଗୀବୁ ॥

ଦ୍ୱାପର ଯୁଗର ବ୍ରହ୍ମାଜ୍ଞା ଅନୁଯାୟୀ ମୁନିଶ୍ରେଷ୍ଠ କଳିଯୁଗର ଆରମ୍ଭରେ ଏହି ସ୍ଥାନରେ ସନ୍ଥଶ୍ରେଷ୍ଠ ''ଦ୍ୱିତଧ୍ୱଜ'' ଓ ତାଙ୍କ ସୁପତ୍ନୀ ''ଦୃତ୍ତିକା''ଙ୍କ କୋଳରେ ପୁନଃଅବତରଣ କଲେ । ନାମ ହେଲା ''ଦୌତ୍ରେୟ'' । ''ରୌଦ୍ରବନ୍ତ'' ଋଷିଙ୍କୁ ଗୁରୁରୂପରେ ଗ୍ରହଣ କଲେ । ଦିବ୍ୟ ଦୃଷ୍ଟିରେ ଆଗାମୀ କଳିର ପ୍ରଚଣ୍ଡ ରୂପ ଦେଖି ଜୀବକଲ୍ୟାଣ ପାଇଁ ଶ୍ରୀଗୁରୁଙ୍କ ଠାରୁ ନିରାକରଣ ଉପାୟ ଜିଜ୍ଞାସା କଲେ । ଶ୍ରୀଗୁରୁ ''ରୌଦ୍ରବନ୍ତ'' ବ୍ରହ୍ମଙ୍କ ଇଚ୍ଛାକୁ ଲକ୍ଷ୍ୟକରି କହିଲେ, କଳିରେ ମନ୍ତ୍ର ଚୈତନ୍ୟର ସମ୍ଭାବନା ନାହିଁ । ତେଣୁ ତୁ ପ୍ରଥମେ ''ରଙ୍ଗେୟୋ'' ନାମକ ''ମନ୍ତ୍ରଚୈତନ୍ୟ ବ୍ରହ୍ମ ମଣ୍ଡଳ''କୁ ଲୟ କରି ସେହି ମଣ୍ଡଳର ବିଭୂତି, ସିଦ୍ଧି ଅବତରଣ କରାଅ । ସେହି ସିଦ୍ଧି ବଳରେ ''ବ୍ରହ୍ମଅମୃତ ତତ୍ତ୍ୱ'' ଭେଦକର । ଅମୃତ ପ୍ରାପ୍ତ ହେଲେ ବ୍ରହ୍ମଙ୍କ ବିସ୍ତାରିତ ବିରାଟ ରୂପ ଭୂମାଙ୍କୁ ପାଇବୁ ଓ ''ଭୂମା ବିଭୂତି'' ଲାଭ କରି ଜୀବକଲ୍ୟାଣ ପାଇଁ ଉତ୍ସର୍ଗ କରିବୁ । ତୋରି ତପ ପ୍ରଭାବରେ ବ୍ରହ୍ମଜ୍ୟୋତି ଏ ପର୍ଯ୍ୟନ୍ତ ଏହିଠାରେ ଶୂନ୍ୟସତ୍ତା ନେଇ ଅଛନ୍ତି । ତେଣୁ ତୋର ସାଧନ ଖୁବ୍‌ଶୀଘ୍ର ସଫଳ ହେବ ।

ବ୍ରହ୍ମଙ୍କ ଇଚ୍ଛା ଗୁରୁ ଅଙ୍ଗେ । ପ୍ରକାଶ ହେଲା ଶିଷ୍ୟ ସଂଗେ ॥
ତଦନୁସାରେ ତପ କରି । ବ୍ରହ୍ମ ଇଚ୍ଛାକୁ ପୂର୍ଣ୍ଣ କରି ॥
ଲୟରେ 'ରଙ୍ଗେୟୋ' ମଣ୍ଡଳ । ଭେଦିଲେ ସେ ତତ୍ତ୍ୱସକଳ ॥
ମନ୍ତ୍ର ଚୈତନ୍ୟ ସୂକ୍ଷ୍ମ ପଥ । ବତାଇ ଦେଲେ ସୃଷ୍ଟିନାଥ ॥
କ୍ରମରେ ଅମୃତ ମଣ୍ଡଳ । ଭେଦିଲେ ମୁନି ବେଳୁବେଳ ॥
ଅମୃତ ପାଇ ଭୂମା ଜ୍ୟୋତି । ପାଇଲେ ଭୂମାଙ୍କ ବିଭୂତି ॥
ପରଂବ୍ରହ୍ମଙ୍କ ଭୂମା ବେଶ । ଯେବେଳେ ଦେଖିଲେ ଯୋଗେଶ ॥
ଶ୍ରୀରଙ୍ଗା ଚରଣେ ପ୍ରଣମି । ବନ୍ଦିଲେ ପ୍ରେମେ ବ୍ରହ୍ମସ୍ୱାମୀ ॥
ବିନମ୍ରେ ମାଗିଥିଲେ ବର ! ଏତିକି ନାଥ କୃପାକର ॥
ସତ୍ୟରୁ ଏ ଯାଏ ଏ ସ୍ଥାନ ! ସୂକ୍ଷ୍ମ ଜ୍ୟୋତିରେ ଗରୀୟାନ ॥
ସ୍ଥୂଳର ସତ୍ତା କିଛିନାହିଁ ! ବ୍ରହ୍ମଙ୍କ କୀର୍ତ୍ତି ରହିନାହିଁ ॥
ତେଣୁ ହେ ସ୍ୱାମୀ କଳିଲୀଳା । ଯେବେ ମର୍ତ୍ତ୍ୟରେ ହେବ ଖେଳା ॥
ସ୍ଥୂଳରେ ହେବ ଉପସ୍ଥିତ । ସ୍ମରିବ ଯୁଗର ଅତୀତ ॥
ତୁମେତ ସର୍ବେଶ ସର୍ବଜ୍ଞ । ''ବ୍ରହ୍ମ ଅମୃତ ଶାନ୍ତି ଯଜ୍ଞ'' ॥
ଏଠାରେ ନିଜେ କରାଇବ । ମନ୍ତ୍ର ଚୈତନ୍ୟ ଝରାଇବ ॥
କଳିତାପରୁ ବଦ୍ଧ ଜୀବ । ବିଶ୍ୱାସେ ମୁକତି ଲଭିବ ॥

ଏତିକି ମୋତେ ଆଜ୍ଞା ହେଉ । ସେ ଯାଏ ଏଠି ଆଜ୍ଞାଥାଉ ॥
ଏବେଳେ ଗୁରୁ ରୌଦ୍ରବନ୍ତ । ସୂକ୍ଷ୍ମରେ ହେଲେ ଉପସ୍ଥିତ ॥
ଇଚ୍ଛିଲେ ସ୍ଥାନ ନାମ ପାଇଁ । ଶିଷ୍ୟର କୀର୍ତ୍ତି ରକ୍ଷାପାଇଁ ॥
'ରଙ୍ଗେୟୋ' ମଣ୍ଡଳର ଲୟ । ବ୍ରହ୍ମଙ୍କୁ ଏଠି କଲା ଥୟ ॥
ତେଣୁ ଯା ନାମ 'ରେଙ୍ଗଲୋଇ'। ଆଜିଠୁଁ ଏ ଭୂତଳେ ଜାଣଇଁ ॥
ସେହି କାରଣୁ ଏହି ୀରେ । ଏ ଯଜ୍ଞାନୁଷ୍ଠାନ ମୁଁ ଆଚରେ ॥

ବ୍ରହ୍ମଙ୍କ ଇଚ୍ଛା ଗୁରୁଅଙ୍ଗ ମାଧ୍ୟମ ଦେଇ ଖସିଆସିଲା । ସେହି ଅନୁସାରେ ତପ ଆଚରଣ କରି ''ଦୌତ୍ରେୟ'' ଋଷି ''ରଙ୍ଗେୟୋ'' ମଣ୍ଡଳକୁ ଲୟ ରଖିଲେ । କ୍ରମାନୁସାରେ ''ରଙ୍ଗେୟୋ'' ମଣ୍ଡଳର ସମସ୍ତ ତତ୍ତ୍ୱଜ୍ଞାନ, ମନ୍ତ୍ରଚୈତନ୍ୟ ସୂକ୍ଷ୍ମ ଗତି ନିରୂପଣ, ଅମୃତ ମଣ୍ଡଳ, ଅମୃତ ପ୍ରାପ୍ତି, ଭୂମା ଦର୍ଶନ, ଭୂମା ବିଭୂତି ପ୍ରାପ୍ତି ହେଲେ, ବ୍ରହ୍ମଙ୍କ ଭୂମା ବିରାଟ ରୂପ ଦର୍ଶନ କରିବା ସମୟରେ ସେହି ଋଷିବର ଯଜ୍ଞ ପାଇଁ ବର ପ୍ରାର୍ଥନା କରିଥିଲେ । ସେହି ସମୟରେ ତାଙ୍କ ଗୁରୁଦେବ ''ରୌଦ୍ରବନ୍ତ'' ସେଠାରେ ଉପସ୍ଥିତ ହୋଇ ଶିଷ୍ୟଙ୍କ କୀର୍ତ୍ତି ରକ୍ଷା ପାଇଁ କହିଥିଲେ, ''ରଙ୍ଗେୟୋ'' ମଣ୍ଡଳକୁ ଲୟ ରଖି ଆଜି ଏ ମହାମିଳନ ହୋଇଥିବାରୁ ଏହି ସ୍ଥାନର ନାମ ଆଜିଠାରୁ ''ରଙ୍ଗୟୋଲ'' ହୋଇଯାଉ । ସେହି ଅନୁସାରେ ନାମକରଣ ହୋଇଥିଲା ଓ ସେ ସମୟରେ ଦେଇଥିବା ବଚନ ରକ୍ଷାକରି ଆଜି ଏଠାରେ ଏହି ଯଜ୍ଞ ହେଉଅଛି । ସେ ସମୟର ''ରଙ୍ଗୟୋଲ'' ନାମ କାଳକ୍ରମେ ଅପଭ୍ରଂଶ ହୋଇ ଆଜି ରେଙ୍ଗଲୋଇ ହୋଇଯାଇଛି । ଏହାହିଁ ଏ ''ବ୍ରହ୍ମ ଅମୃତ ଶାନ୍ତି ଯଜ୍ଞ''ର ରହସ୍ୟ ।

ମହାପ୍ରଭୁଙ୍କ ଶ୍ରୀମୁଖରୁ ଯଜ୍ଞରହସ୍ୟ, ବ୍ରହ୍ମ ତତ୍ତ୍ୱ ଶ୍ରବଣ କରି ଅନୁଗତ ସେବକ କୃତାଞ୍ଜଳି ପୁଟରେ ପ୍ରାର୍ଥନା କଲା ।

ହେ ସ୍ୱାମୀ ଶ୍ରୀରଙ୍ଗା ଅଧର । କୃପାରେଣୁର ପାରାବାର ॥
ଅଧରାମୃତକୁ ଝରାଇ । ସନ୍ଦେହ ଦେଲେ ମନୁଫେଇ ॥
ତୁମରି ଇଚ୍ଛା ପୂର୍ଣ୍ଣ ହେଉ । ଜୀବେ ଅମୃତ ପ୍ରାପ୍ତି ହେଉ ॥
ଏତିକି ଅଳି କରି ଶେଷେ । ବିଦାୟ ନେଉଛୁ ସନ୍ତୋଷେ ॥

*ମଙ୍ଗଳମୟଙ୍କର ମଙ୍ଗଳ ଇଚ୍ଛା ପୂର୍ଣ୍ଣ ହେଉ ।*

# ସ୍ୱର୍ଣ୍ଣକ୍ଷେତ୍ର

**ପ୍ରକାଶକ :**

ଚରମ ପ୍ରକାଶନ ସଂସ୍ଥା
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
କ୍ଷିତିଜ୍ୟୋତି ଆଶ୍ରମ, ମାହାଙ୍ଗା, କଟକ ।
© ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍
ମୁଦ୍ରଣ : ଜଗନ୍ନାଥ ପ୍ରୋସେସ୍, ଡଗରପଡ଼ା, କଟକ

## ନିବେଦନ

ପାଠକ ପାଠିକାମାନଙ୍କୁ ନିବେଦନ କରୁଅଛୁ, ପରମ ପୁରୁଷ ଚରମନାଥ ଶ୍ରୀ ଶ୍ରୀ ଗୁରୁସ୍ୱାମୀଙ୍କ ସଂଗଠିତ ହୋଇଯାଇଥିବା ଲୀଳାଗୁଡ଼ିକର ଏହିପରି ସ୍ମରଣିକା ପୁସ୍ତିକା ସଂଗ୍ରହ କରି ନିଜେ ପାଠ କରିବା ସହ ଉତ୍ସାହୀ ଭକ୍ତଜନଙ୍କୁ ବିତରଣ କରନ୍ତୁ ।

**ଲୀଳା ସଂରଚିତ ସ୍ମରଣିକା :**

୧. ଆଦି ଅନାଦି ଏକାକ୍ଷର ବ୍ରହ୍ମଯଜ୍ଞ-୨୦୦୧ ଚନ୍ଦନପୂର୍ଣ୍ଣିମା- ସମାସିଂହା
୨. ଶବ୍ଦନାଦବିନ୍ଦୁ ବ୍ରହ୍ମ ଯଜ୍ଞ-୨୦୦୧ ମଇ ୨୫-କେନ୍ଦେଇପଶି
୩. ବ୍ରହ୍ମ କୈବଲ୍ୟ ଶାନ୍ତି ଯଜ୍ଞ - ୨୦୦୧ ନଭେମ୍ବର ୨୬- ଫାଶିମାଲ୍
୪. ବ୍ରହ୍ମ ଅମୃତ ଶାନ୍ତି ଯଜ୍ଞ-୨୦୦୨ ମାର୍ଚ୍ଚ ୨୮-ରେଙ୍ଗଲୋଇ
୫. ବିଶ୍ୱ ଶାନ୍ତି କୈବଲ୍ୟ ଯଜ୍ଞ-୨୦୦୨ ମଇ ୨୬-ଇନ୍ଦୁପୁର